ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.208 Bhubaneswar Tuesday, October 05, 2021 | ୨୪ତମ ବର୍ଷ ସଂଖ୍ୟା-୨୦୮ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୦୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀଠାରେ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ, ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଏଲ. ମୁରୁଗାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିବା ଅବସରରେ

## ଗୋଟିଏ ଦିନରେ ୪୦୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୪।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୦୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୮୩୬୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୫ ହଜାର ୦୧୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୦୭୫ ରହିଛି । ଆଜି ଚିହ୍ନଟ ହୋଇଥିବା ୪୦୭ ଜଣଙ୍କ ମଧ୍ୟରୁ ୨୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୬୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୬୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ, ଗଜପତି ଓ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮ ଜଣ, ଯାଜପୁରରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଳାହାଣ୍ଡି ଜିଲ୍ଲାରୁ ୩ ଜଣ ଚିହ୍ନଟ ହୋଇ ଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୧୬୭ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ୧. ମୟୂରଭଞ୍ଜରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୯ ଜଣ, ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୧୧, ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୨ ଜଣ ଓ ଷ୍ଟେଟ୍ ପୁଲରୁ ୩୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୨୨୦ ହେଲା

ଭୁବନେଶ୍ୱର, ୪।୧୦(ପି.ଏନ): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୨୦ ହୋଇ ଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରୁ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କଟକ ୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରୁଦ୍ର

ଭୁବନେଶ୍ୱର, ୪।୧୦(ପି.ଏନ): ନବନିର୍ବାଚିତ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ପିପିଲି ଉପନିର୍ବାଚନରେ ବିଜୟୀ ହେବାପରେ ରୁଦ୍ର ନିଜ ପରିବାର ସହିତ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ରୁଦ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମନ୍ତ୍ରୀ ସମୀର ରଂଜନ ଦାଶ, ଦଳୀୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ , ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ ,ଦେବୀ ରଂଜନ ତ୍ରିପାଠୀଙ୍କ ସମେତ ରୁଦ୍ରଙ୍କ ପତ୍ନୀ , ଜାଗୃତି , ଭଉଣୀ ପଲ୍ଲବୀ ଓ ମା ପ୍ରତିଭା ମହାରଥୀ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ପିପିଲିରେ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ପୁଅ ରୁଦ୍ର ମହାରଥୀ ବିପୁଳ ଭୋଟ୍ ରେ ବିଜୟୀ ହୋଇଥିଲେ ।

## ଜିଏସଟି ଠକେଇ ଅଭିଯୋଗରେ ୧୨ ସହରର ୧୭ ଗହଣା ଦୋକାନରେ ଚଢାଉ

ଭୁବନେଶ୍ୱର, ୪।୧୦(ପି.ଏନ): ସୁନା କାରବାରରେ ଜିଏସଟି ଠକେଇ ଅଭିଯୋଗରେ ଜିଏସଟି ବିଭାଗ ପକ୍ଷରୁ ୧୨ଟି ସହରର ୧୭ଟି ବଡ଼ ବଡ଼ ଗହଣା ଦୋକାନରେ ଚଢ଼ଉ କରାଯାଇଛି। ଭୁବନେଶ୍ୱର, ରାଉରକେଲା, କଟକ, ବ୍ରହ୍ମପୁର, ବରଗଡ଼ ଆଦି ସହରରେ ଥିବା ବଡ଼ ବଡ଼ ଜୁଏଲାରୀ ହାଉସରେ ଜିଏସଟି ଚଢ଼ଉ କରିଛି ।

## ଶୀତ ଋତୁ ପାଇଁ ବିଏମସିର କଡା ଗାଇଡ୍ ଲାଇନ୍: ବିବାହ , ବ୍ରତରେ ୫୦ ଲୋକଙ୍କୁ ଅନୁମତି

ଭୁବନେଶ୍ୱର, ୪।୧୦(ପି.ଏନ): ଏଣିକି ଭୁବନେଶ୍ୱରରେ ବିବାହ, ବ୍ରତଘର, ଶୁଦ୍ଧିକାର୍ଯ୍ୟ ଆଦି ସାମାଜିକ କାର୍ଯ୍ୟରେ ସର୍ବାଧିକ ୫୦ ଜଣଙ୍କୁ ଅନୁମତି ମିଳିବ। ଗାଇଡଲାଇନ ଉଲ୍ଲଂଘନ ହେଲେ ଆୟୋଜକ ଓ ହଲ୍ ମାଲିକ ଦାୟୀ ହେବେ। ଆଗକୁ ଶୀତ ଋତୁ ଆସୁଥିବାରୁ କୋଭିଡ଼ କଟକଣାକୁ କଡ଼ାକଡି କରିଛି ବିଏମସି। ଉଲ୍ଲେଖ୍ୟଯୋଗ୍ୟଯେ ଗତମାସରେ କୋଭିଡ୍ ଗାଇଡ୍ ଲାଇନ୍ କୁ କୋହଳ କରାଯାଇ ସାମାଜିକ ଉତ୍ସବରେ ୨୫୦ ଲୋକଙ୍କୁ ଅନୁମତି ଦିଆଯାଇଥିଲା। ବିଏମସିର ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ସାମାଜିକ କାର୍ଯ୍ୟ ପାଇଁ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡିବ। ଶାରୀରିକ ଭାବେ ଅସୁସ୍ଥ ବ୍ୟକ୍ତି କାର୍ଯ୍ୟକ୍ରମରେ ଭାଗ ନେବେ ନାହିଁ। ବୟସ୍କ, ଗର୍ଭବତୀ ମହିଳା , ୧୦ ବର୍ଷରୁ କମ୍ ଶିଶୁ ଙ୍କୁ ମଧ୍ୟ ଉତ୍ସବରେ ସାମିଲ ନହେବାକୁ କୁହାଯାଇଛି। ଉତ୍ସବ ସ୍ଥଳର ପ୍ରବେଶ ପଥରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ ଓ ହାତଧୁଆର ବ୍ୟବସ୍ଥା ଆୟୋଜକ କରିବେ। ଖାଇବା ସମୟ ବ୍ୟତୀତ ସବୁ ସମୟରେ ମାସ୍କ ବ୍ୟବହାର ଓ ୬ ଫୁଟ୍ ର ସାମାଜିକ ଦୂରତା ବାଧ୍ୟତାମୂଳକ ହେବ। ଉତ୍ସବ ହଲ୍ ମଧ୍ୟରେ ଛେପ ପକାଇବା ଏବଂ ପାନ ଗୁଟଖା ସେବନକୁ ବାରଣ କରାଯାଇଛି।

## ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୪।୧୦(ପି.ଏନ): ପୂର୍ବ ବିହାର, ପଶ୍ଚିମବଙ୍ଗ ଏବଂ ସିକ୍କିମ୍ ଉପରେ ନିମ୍ନ ଚାପ କ୍ଷେତ୍ର ଚିହ୍ନିତ ହୋଇଛି ଏବଂ ଏହା ସମୁଦ୍ର ପତନଠାରୁ ୪.୫ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇରହିଛି। ଏହାର ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୯ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, କନ୍ଧମାଳ, ରାୟଗଡା, ଅନୁଗୁଳ ଓ ଢ଼େଙ୍କାନାଳ। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏନଟିପିସି କଣିହାଁ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ



ତାଳଚେର,୪।୧୦(ପି.ଏନ): ଏନଟିପିସି, କଣିହାଁ ଦ୍ୱାରା ମହାତ୍ମା ଗାନ୍ଧିଙ୍କ ୧୫୨ତମ ଜୟନ୍ତୀ ଉପଲକ୍ଷେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ କେ. ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଶୁଭାରମ୍ଭ ସକାଳ ୬.୩୦ ଘଟିକାରେ ବାଇବାସ୍ ଛକଠାରୁ ଶିବ ପାର୍ବତୀ ଛକ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହା ପରେ ସିଆଇଏସଏଫ ଯବାନମାନଙ୍କ ଦ୍ୱାରା ଏକ ମାରଥନ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏନଟିପିସି କଣିହାଁର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସହଭାଗିତା ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା।

## ଗଜପତିରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୪।୧୦(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଜପତି ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୧.୩୫ ଲକ୍ଷ, ପ୍ରାୟ ୯୦ ପ୍ରତିଶତ ଲୋକ ଏହି ସୁବିଧା ପାଇବେ ।ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଜପତି ଜିଲ୍ଲା ସହ ବିଜୁ ବାବୁଙ୍କର ସଂପର୍କ ବିଷୟରେ ସମସ୍ତେ ଜାଣନ୍ତି। ତେଣୁ ଗଜପତି ଜିଲ୍ଲା ତାଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଏଥିପାଇଁ ଗଜପତିରେ ସ୍ମାର୍ଟ ହେଲ୍ଥ କାର୍ଡ ଆରମ୍ଭ କରି ସେ ବହୁତ ଖୁସି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗଜପତି ହେଉଛି କଳା ଓ ସଂସ୍କୃତିର ଭୂମି। ଛୋଟିଆ ଜିଲ୍ଲା ହେଲେ ମଧ୍ୟ ଆଧୁନିକ ଓଡ଼ିଶା ପାଇଁ ଗଜପତି ର ଅବଦାନ ବହୁତ ବେଶୀ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ । ସେ ଥିଲେ ବିକାଶ ଓ ସ୍ୱାଭିମାନ ର ପ୍ରତୀକ। ସେହିପରି କବି ଗୋପାଳ କୃଷ୍ଣ ପଟ୍ଟନାୟକ ତଥା ବିଶିଷ୍ଟ ଐତିହାସିକ ଡ ସତ୍ୟନାରାୟଣ ରାଜଗୁରୁଙ୍କୁ ମଧ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗଜପତି ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଭିତିଭୂମି ସହିତ ମେଗା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହାସହିତ ମହେନ୍ଦ୍ରଗିରି ତୀର୍ଥର ବିକାଶ ପାଇଁ ମଧ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ ସ୍ମାର୍ଟ ହେଲ୍ଥ କାର୍ଡ ରାଜ୍ୟ ସରକାରଙ୍କ ଏକ ଫ୍ଲାଗ ସିପ୍ କାର୍ଯ୍ୟକ୍ରମ। ଅଗଷ୍ଟ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମାଲକାନଗିରିରେ ଏହାର ଶୁଭାରମ୍ଭ କରିଥିଲେ। ଏହାପରେ ସୁନ୍ଦରଗଡ, ବଲାଙ୍ଗୀରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ଆଜି ଗଜପତିରେ ମଧ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଚନ୍ଦ୍ରଶେଖର ସାହୁ ଓ ବିଧାୟକଗଣ ଯୋଗ ଦେଇଥିଲେ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada









# ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଧ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଋହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଆମେ ଓ ଆମ ପରିବେଶର ପଶୁପକ୍ଷୀ





ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ନୁହେଁ ଏ ପ୍ରକୃତି ବା ପରିବେଶ ଜୀବକୁଳ ଯଥା ଉଭିଦ ଓ ପଶୁପକ୍ଷୀ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ଜନସଂଖ୍ୟା ଚାପ କାରଣରୁ ବିଶ୍ୱର କର୍ମସଂସ୍ଥାନ, ପରିବହନ, ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା କାରଣରୁ ସନ୍ଦେହ ଓ ଅହଂକାର ହେତୁ ଆଗେଇ ଚାଲିଛି । ଏହି ଶିକାର ହେଉଛି ବା ହେବ, ତାହା ମଧ୍ୟରେ ବସବାସ କରୁଥିବା ସମସ୍ତ ତାର ଶୀକାର ହେଉଛନ୍ତି ଏବଂ ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।

ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।

ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।

ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ**

# ଅଜାତଶତ୍ରୁ ପ୍ରଦୀପ ମହାରଥୀ



ପିପିଲିର ଜଟଣୀ ଛକଠାରୁ ଜଟଣୀ ରାସ୍ତାରେ ଗଲାବେଳେ ପ୍ରଥମେ ପଡ଼େ ଅକ୍ଟ୍ରାଇ ଗେଟ୍, ତାପରେ ଭାରତୀପୁର, ମାଦୀପୁର ଓ ମଠସାହି ଛକ। ଏହି ମଠସାହି ଛକରୁ ବାଁ ପଟ ରାସ୍ତା ଦେଇ କିଛିବାଟ ଗଲାପରେ, ଡାହାଣ ପଟକୁ ଛୋଟିଆ ଗାଁଟିଏ ଆଖିରେ ପଡ଼େ। କେଜାଣି କେତେ ବରଷ ହେଲାଣି ଏହି ଛୋଟିଆ ଗାଁଟି ମାତ୍ର ପନ୍ଦର/କୋଡ଼ିଏଟି ପରିବାରକୁ ନେଇ ସେଠାରେ ଅଧିଷ୍ଠିତ ହୋଇଛି, ତାର ହିସାବ ହୁଏତ କାହାପାଖରେ ନ ଥିବ, କିନ୍ତୁ ଯେଉଁଦିନ (୪.୭.୧୯୫୫) ପ୍ରଦୀପ ମହାରଥୀ, ପିତା ଗୋକୁଳାନନ୍ଦ ଓ ମାତା ପ୍ରଭାତୀମଞ୍ଜରୀ ଦେବୀଙ୍କ ଔରସରୁ ସେହି ଗାଁ ମାଟିରେ ଜନ୍ମଲାଭ କଲେ, ସତେ ଅବା ପୂର୍ବାକାଶରେ ସେହି ଶୁଭଲଗ୍ନରେ ଉଦୟ ହେଲା ନୂତନ ଏକ ସୂର୍ଯ୍ୟ ସେ ଦିନର ସେହି ନବଜାତ ଶିଶୁଟିକୁ ସ୍ୱାଗତ କରିବାକୁ। ନିଜର ଶୌର୍ଯ୍ୟ, ବୀର୍ଯ୍ୟ ଓ ଦୀପ୍ତିରେ ସେହି ଛୋଟ ପିଲାଟି ବଡ଼ ହୋଇ ସତକୁ ସତ ଏତେ ନାଁ ରଖିଗଲା ଯେ ଧନ୍ୟ ହେଲା ପିପିଲିର ପାଣିଦୋଳ ପଞ୍ଚାୟତର ସେହି ଛୋଟ ଖୋରାପଦା ଗ୍ରାମଟି, ଓଡ଼ିଶା ଇତିହାସରେ ଯାହାର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଧନ୍ୟ ହେଲା ଡେଲାଙ୍ଗ ପିପିଲି ନିର୍ବାଚନ ମଣ୍ଡଳୀ, ଧନ୍ୟ ହେଲା ଉତ୍କଳ ଜନନୀ।

ପିତାମାତା ଶ୍ରଦ୍ଧାରେ ପିଲାଟିର ନାମ ରଖିଥିଲେ ପ୍ରଦୀପ, ଆଉ ଡାକନାମ ନଟୁ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି, ଏଇ ପିଲାଟିର ଜୀବନରେ ବଡ଼ ହେବାର ଲକ୍ଷଣମାନ ପରିସ୍ଫୁଟିତ ହୋଇ ଉଠୁଥିଲା ପିଲାଟି ଦିନରୁ। ତା'ର ଡାହାଣପଟ ପେଟର ଊର୍ଦ୍ଧ୍ୱଭାଗରେ ଏବଂ ବାଁପଟ ଛାତି ପାଖରେ ରାଜକୀୟ ଲକ୍ଷଣ ସ୍ୱରୂପ ବହୁତ ବଡ଼ବଡ଼ ନାଲି ଜାଇର ମନ୍ଦା ଥିଲା ଯାହାକୁ ଦେଖି ମୁରବୀ ମଣିଷମାନେ କଳନା କରୁଥିଲେ କି ପିଲାଟି ଦିନେ ବହୁତ ବଡ଼ହେବ, ଖୁବ୍ ନାଁ କରିବ।

ବଡ଼ ହେଲା ସେଦିନର ସେଇ ଛୋଟ ପିଲାଟି। ସ୍କୁଲ ପାଠପଢ଼ା ପରିସମାପ୍ତି କରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସାନ୍ଧ୍ୟ)ରେ ଓ.ଇ. ପଢ଼ିବା ପାଇଁ ନାମ ଲେଖାଇଲେ ୧୯୭୨-୭୩ ମସିହାରେ। ସେଠାରେ ଛାତ୍ର ରାଜନୀତିରେ ଭାଗନେଇ କଲେଜ୍ ନିର୍ବାଚନରେ ସାଧାରଣ ସମ୍ପାଦକ ପଦ ପାଇଁ ପ୍ରାର୍ଥୀ ହୋଇ ବିଜୟ ଲାଭକଲେ। ତାପରେ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ଛାତ୍ର ଆନ୍ଦୋଳନରେ ସାମିଲ ହୋଇ ଗଓଝଇ ରେ ଆରେଷ୍ଟ ହୋଇଥିଲେ ପ୍ରଦୀପ ମହାରଥୀ। ପ୍ରାୟ ଅଠରମାସ କାଳ ଜେଲ୍ ଏବଂ ସେଲ୍‌ର କଠୋର ଯନ୍ତ୍ରଣା ଓ ନିର୍ଯ୍ୟାତନା ସହି ୧୯୭୬ ମସିହା ଶେଷ ଭାଗକୁ ମୁକ୍ତିଲାଭ କରିଥିଲେ ଏବଂ ପୁଣିଥରେ ସାମନ୍ତଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଈ.ଇ. (ଶିକ୍ଷା ସମ୍ମାନ)ରେ ନାମ ଲେଖାଇଥିଲେ ମହାରଥୀ। ସେତେବେଳେ ୧୯୭୭ ମସିହାରେ କଲେଜ ନିର୍ବାଚନରେ ସଭାପତି ପଦପାଇଁ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ପ୍ରଚାର ସମୟରେ ମହାରଥୀ ତାଙ୍କର ଅଗ୍ନିବର୍ଷୀ ସମ୍ଭାଷଣରେ ଜେଲ୍ ଓ ସେଲ୍ ଜୀବନର ଲୋମଟାଙ୍କୁରା କାହାଣୀ ବର୍ଣ୍ଣନା କଲାବେଳେ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ପଡ଼ୁଥିଲେ, ଆଖି ସଜଳ ହୋଇଯାଉଥିଲା। ସେଥର ମହାରଥୀ ବିପୁଳ ଭୋଟ୍‌ରେ ବିଜୟଲାଭ କରି ସଭାପତି ପଦରେ ଅଭିଷିକ୍ତ ହୋଇଥିଲେ। ତା ପରଠାରୁ ପ୍ରଦୀପ ମହାରଥୀ ନାଁଟି ଆଉ କଲେଜ୍‌ର ଚାରିକାନ୍ଥ ଭିତରେ ସୀମିତ ନ ରହି ସାରା ଓଡ଼ିଶାରେ ସମ୍ପ୍ରସାରିତ ହୋଇଗଲା। କଲେଜ୍‌ର ବାର୍ଷିକୋତ୍ସବକୁ ମୁଖ୍ୟ ଅତିଥି ହୋଇ ଆସିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ସେତେବେଳର କେନ୍ଦ୍ର ଇସ୍ପାତ ଓ ଖଣିମନ୍ତ୍ରୀ। ପ୍ରଦୀପ ମହାରଥୀଙ୍କ ଦୃଢ଼ ସାଙ୍ଗଠନିକ ଦକ୍ଷତା ଦେଖି ବିମୋହିତ ହୋଇ ଭାଷଣରେ କହି ପକାଇଲେ ପ୍ରଦୀପ ଖାଲି ନାମରେ ନୁହେଁ, କାମରେ ବି ମହାରଥୀ।

ପ୍ରଥମ ଥର ୧୯୮୫ରୁ ୧୯୯୦, ଜନତାଦଳ ତରଫରୁ ଟିକେଟ୍ ପାଇ ଡେଲାଙ୍ଗ ପିପିଲି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ ଓଡ଼ିଶା ବିଧାନସଭାକୁ ସେତେବେଳର ସର୍ବକନିଷ୍ଠ ବିଧାୟକ ପ୍ରଦୀପ ମହାରଥୀ। ତାପରେ ପୁନର୍ବାର ୧୯୯୦ରୁ ୧୯୯୫ ଦ୍ୱିତୀୟ ଥର ପାଇଁ ସେହି ଜନତା ଦଳ ତରଫରୁ ଟିକେଟ୍ ପାଇ ଆଉଥରେ ଡେଲାଙ୍ଗ ପିପିଲି ମାଟିର ଗର୍ବ ଆଉ ଗୌରବ ପାଲଟିଗଲେ ସିଏ। ସେତେବେଳେ ମୁଖ୍ୟମନ୍ତ୍ରୀ ଥିଲେ ପ୍ରବାଦ ପୁରୁଷ ବିଜୁବାବୁ। ପ୍ରଦୀପ ମହାରଥୀ ଯୁବବୟସରେ ଓଡ଼ିଶା ବିଧାନସଭାର ମର୍ଯ୍ୟାଦାଜନକ ଡେପୁଟି ଚିଫ୍ ହୁଇପ (ଉରକ୍କଙ୍କଙ୍କ ଉଷସରଲ ଡଷସକ୍କ) ପଦ ଅଳଙ୍କୃତ କଲେ। ସେତେବେଳେ ଗଇଜକରଉ ର ଚେୟାରମ୍ୟାନ୍ ପଦରେ ମଧ୍ୟ ଅଧିଷ୍ଠିତ ଥିଲେ ପ୍ରଦୀପ ମହାରଥୀ। ତା' ପରଠାରୁ ଆଉ କେବେ ପଛକୁ ଫେରିନଥିଲେ। ତାଙ୍କ ବିଜୟର ଯାତ୍ରା ଲମ୍ବି ଯାଇଥିଲା କାହିଁ କେତେ ଦୂରକୁ, ପ୍ରଗତିର ରଥ ମାଡ଼ି ଚାଲିଥିଲା ଆଗକୁ ଆଗକୁ। ୨୦୦୦ରୁ ୨୦୦୪ରେ ପୁଣିଥରେ ନିର୍ବାଚିତ ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରରେ ଚିଫ୍ ହ୍ୱିପ୍ ପଦରେ ଅଭିଷିକ୍ତ ହୋଇଥିଲେ ପ୍ରଦୀପ ମହାରଥୀ। ୨୦୦୪ରୁ ୨୦୦୯ ଚତୁର୍ଥ ଥର ପାଇଁ ସେହି ଡେଲାଙ୍ଗ ପିପିଲି ମାଟିରୁ ନିର୍ବାଚିତ ହୋଇ ସଗର୍ବେ ବିଧାନସଭା ଆସନ ମଣ୍ଡନ କଲେ। ୨୦୦୯ରୁ ୨୦୧୪ ପଞ୍ଚମଥର ପାଇଁ ନିର୍ବାଚନ ରଣାଙ୍ଗନରେ ବିଜୟଲାଭ କରି ଲଢୁଆ ପୁଅ ମହାହରଥୀ ପୁଣିଥରେ ପ୍ରମାଣ କରି ଦେଖାଇଦେଲେ ପିପିଲି ଡେଲାଙ୍ଗ ମାଟିର ତାଙ୍କ ପ୍ରତି ଥିବା ଅନାବିଳ ଭଲପାଇବାକୁ। ବହୁ ବିଳମ୍ବରେ ହେଲେ ବି ଏଥରକ ଚଷାପୁଅକୁ ମିଳିଥିଲା ଉପଯୁକ୍ତ ପଦବୀଟିଏ। କୃଷିମନ୍ତ୍ରୀ ହୋଇ ଓଡ଼ିଶାର ଗର୍ବ, ଗୌରବ, ଟେକ ରଖିଲେ ମହାରଥୀ। ଥରେ ନୁହେଁ, ଦୁଇଥର ନୁହେଁ ଲଗାତର ଭାବେ ଚାରି ଚାରିଥର ଭାରତ ସରକାରଙ୍କଠାରୁ କୃଷିରେ ଉତ୍କର୍ଷତା ପାଇଁ କୃଷି କର୍ମଣ ପୁରସ୍କାର ଆଣିଥିଲେ ମହାରଥୀ। ସେହି ପୁରସ୍କାର ବାବଦକୁ ମିଳିଥିବା ବିପୁଳ ଅର୍ଥକୁ କୃଷକ ଭବନ ନିର୍ମାଣରେ ଖର୍ଚ୍ଚ କରାଯାଉ ବୋଲି ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ କୃଷିମନ୍ତ୍ରୀ ମହାରଥୀ। ଆଜିର କୃଷକ ଭବନ ଥିଲା ସେ ଦିନର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କର ମାନସ ସନ୍ତାନ। କଥା କଥାକେ ନିଜକୁ ଚଷାପୁଅ, ମାଟିର ପୁଅ, ପ୍ରଥମେ ମାଟି, ତାପରେ ପାର୍ଟି ବୋଲି କହୁଥିବା ମହାରଥୀ ଚାଷୀ ଭାଇଭଉଣୀଙ୍କର ଦରଦୀ ବନ୍ଧୁଟିଏ ଥିଲେ। ତାଙ୍କ ମନ୍ତ୍ରୀତ୍ୱ ସମୟରେ ତିରିଶିଟି ଜିଲ୍ଲା ତରଫରୁ ତିନୋଟି ସ୍ଥାନରେ ସମ୍ବଲପୁର, ବାଲେଶ୍ୱର ଓ ଗଞ୍ଜାମରେ ଅନୁଷ୍ଠିତ ହୋଇଥିବା କୃଷି ମହୋତ୍ସବ ତାଙ୍କର ଅଭିନବ ପରିକଳ୍ପନାର ବାସ୍ତବ ରୂପାୟନ ଅଟେ। ଏହି ମହୋତ୍ସବର ସମାପନ ଉତ୍ସବ ପାଳିତ ହୋଇଥିଲା ଭୁବନେଶ୍ୱରର ଜନତା ମୈଦାନ୍‌ରେ ଏତେ ବର୍ଣ୍ଣାଢ଼୍ୟ ଢଙ୍ଗରେ ଯେ ଦେଖଣାହାରୀ ବିସ୍ମିତ ହୋଇଥିଲେ।

୨୦୧୪ରୁ ୨୦୧୯ ଷଷ୍ଠଥର ପାଇଁ ଆଉଥରେ ବିଜେଡି ଦଳ ତରଫରୁ ମହାରଥୀ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ। ଏଥରକ ମଧ୍ୟ ସିଏ କୃଷିମନ୍ତ୍ରୀ ପଦବୀ ସାଙ୍ଗକୁ ପଞ୍ଚାୟତିରାଜ ମନ୍ତ୍ରୀ ପଦ ପାଇ ନିଜର ସାମର୍ଥ୍ୟ, ଶକ୍ତି ଓ ଯୋଗ୍ୟତାକୁ ପ୍ରମାଣ କରି ଦେଖାଇ ଦେଇଥିଲେ। ୨୦୧୯ରୁ ୨୦୨୪, ସପ୍ତମ ଥର ପାଇଁ ପ୍ରଦୀପ ମହାରଥୀ ନିର୍ବାଚିତ ହେଲେ ଓଡ଼ିଶା ବିଧାନସଭାକୁ, ଅନେକ ବାଧା, ବିଘ୍ନ, ପ୍ରତିବନ୍ଧକ ସତ୍ତ୍ୱେ ଚତୁର୍ଦ୍ଦିଗରେ ପୁଣିଥରେ ସେହି ପୁରୁଣା ଡାଏଲଗ୍ ଗୁଞ୍ଜରିତ ହେବାକୁ ଲାଗିଲା, ଶହେ ଘୋଡ଼ାକୁ ଶହେ ହାତୀ, ଏକା ଲଢ଼ିବ ମହାରଥୀ। ହାରିନାହିଁ ମହାରଥୀ, ସରିନାହିଁ ରାଜନୀତି ଇତ୍ୟାଦି।

ପ୍ରଦୀପ ମହାରଥୀଙ୍କ ବହୁମୁଖୀ ଦକ୍ଷତାକୁ ଅବଲୋକନ କଲେ ହୃଦ୍‌ବୋଧ ହୁଏ ଯେ ସେ ଖାଲି ଏକ ବ୍ୟକ୍ତିବିଶେଷ ହୋଇ ରହି ନଥିଲେ, ସେ ପାଲଟି ଯାଇଥିଲେ ଏକ ଅନୁଷ୍ଠାନ। ପିତୃମାତୃଭକ୍ତ ମହାରଥୀ ପିତା ୰ ଗୋକୁଳାନନ୍ଦ ମହାରଥୀଙ୍କ ନାମରେ ଏକ ଆଇନ ମହାବିଦ୍ୟାଳୟ ଖୋଲିଥିଲେ ଭୁବନେଶ୍ୱରରେ ଯାହାର ନାମ ଥିଲା 'ଗୋକୁଳାନନ୍ଦ ମହାରଥୀ ଆଇନ ମହାବିଦ୍ୟାଳୟ' (G.N.M. Law College) ପୁନଶ୍ଚ ୧୯୯୪ ମସିହାରେ କଳାପ୍ରେମୀ ମହାରଥୀ ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିବାପାଇଁ 'କଳିଙ୍ଗ ଗଣନାଟ୍ୟ' ନାମକ ଅପେରା ପାର୍ଟି ପ୍ରତିଷ୍ଠା କରିଥିଲେ, ଯେଉଁଠାରେ ଅଦ୍ୟାବଧି ଦୁଇଶହରୁ ଉର୍ଦ୍ଧ୍ୱ କଳାକାର ଓ ଅନ୍ୟାନ୍ୟ ସହଯୋଗୀ ବ୍ୟକ୍ତିମାନେ ଜୀବିକାର୍ଜନ କରିପାରୁଛନ୍ତି। ଆଧାତ୍ମିକ ଦିଗରେ ମହାରଥୀଙ୍କର ମଧ୍ୟ ଅନେକ ଉଲ୍ଲେଖନୀୟ ଅବଦାନ ରହିଛି। ପ୍ରଚଣ୍ଡ ମହାବୀର ଭକ୍ତ ପ୍ରଦୀପ ମହାରଥୀ ଜୀବନକାଳ ଭିତରେ ପ୍ରାୟ ଚାରୋଟିରୁ ଉର୍ଦ୍ଧ୍ୱ ମନ୍ଦିର ନିର୍ମାଣ କରିପାରିଛନ୍ତି। ଏହି ଅମର କୃତିଗୁଡ଼ିକ ହେଲା ପିପିଲିର ବାଟମହାବୀର ମନ୍ଦିର, ହୁଙ୍କେଇପୁର ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର, ଖୋରାପଦା ଗ୍ରାମସ୍ଥିତ ଶ୍ରୀ ବୃନ୍ଦାବନଚନ୍ଦ୍ର ମନ୍ଦିର ଏବଂଭକ୍ତ ଶିରୋମଣି ଦାସିଆଙ୍କ ପୀଠରେ (ବାଲିଗ୍ରାମ) ଶ୍ରୀଜଗନ୍ନାଥ ମନ୍ଦିର। ଏତଦ୍‌ବ୍ୟତୀତ ପ୍ରଦୀପ ମହାରଥୀ ନିଜ ପିତାଙ୍କ ସ୍ମୃତିରେ ଏକ ସ୍ପୋର୍ଟସ୍ ଅର୍ଗାନାଇଜେସନ୍ ଗଢ଼ିଥିଲେ ୧୯୯୩ ମସିହାରେ ଯାହାର ନାମକରଣ କରାଯାଇଥିଲା GSO (Gokulananda Sports Organisation)। ଏଠାରେ କବାଡ଼ି ଖେଳକୁ ପ୍ରାଧାନ୍ୟ ଦିଆଯାଉଥିଲା। ଏବେ ମଧ୍ୟ ଏହି ଅନୁଷ୍ଠାନ ସକ୍ରିୟ ଅଛି। ଏହି ଅନୁଷ୍ଠାନ ତରଫରୁ ପ୍ରାୟ ପ୍ରତିବର୍ଷ ମହାରଥୀଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାମାନ କରାଯାଉଥିଲା। ଏହି ଅନୁଷ୍ଠାନରୁ ଭଲ କବାଡ଼ି ଖେଳ ପ୍ରଦର୍ଶନ କରି ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଖେଳାଳୀ ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇ ସୁଖରେ କାଳାତିପାତ କରୁଛନ୍ତି। ମହାରଥୀଙ୍କ ନେତୃତ୍ୱରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ପିପିଲିର ଜବାହାର ବିଦ୍ୟାପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଆସୁଥିବା ଉତ୍କଳ ଦିବସ ସମାରୋହ ମଧ୍ୟ ଏତେ ଆକର୍ଷଣୀୟ ଓ ମନଛୁଆଁ ହୋଇଥାଏ ଯେ ଦେଖଣାହାରୀ ଏବେ ବି ଝୁରି ହେଉଛନ୍ତି ସେହି ଅପାସୋରା ସ୍ମୃତିକୁ।

ବିଧିର ବିଧାନ ବଡ଼ ବିଚିତ୍ର। ୧୯୮୫ରୁ ୨୦୨୦ ପର୍ଯ୍ୟନ୍ତ ଯେଉଁ ବିଜୟର ରଥ ଗଡ଼ି ଚାଲିଥିଲା ଆଗକୁ ଆଗକୁ। ସେହି ରଥକୁ ଅଧାରାସ୍ତାରେ ଛାଡ଼ିଦେଇ ରଥୀ ଚାଲିଗଲେ ଅନ୍ୟ ଏକ ଅଜଣା ରାସ୍ତାରେ, ଯାହାର ଠିକଣା କାହାକୁ ବି ଜଣାନାହିଁ। କରୋନା ମହାମାରୀରେ ସଂକ୍ରମିତ ହୋଇ ମହାରଥୀ ସେପ୍ଟେମ୍ବର ୧୪ ତାରିଖ ୨୦୨୦ରେ ସମ୍ ହସ୍ପିଟାଲ୍‌ରେ ଆଡ୍‌ମିଟ୍ ହୋଇଥିଲେ। ଚିକିତ୍ସା ପରେ କୋଭିଡ୍ ନେଗେଟିଭ୍ ଜଣାପଡ଼ିବା ପରେ ସେପ୍ଟେମ୍ବର ୨୫ ତରିଖରେ ସେ ବାସଭବନକୁ ଫେରିଆସିଲେ। ମାତ୍ର ପୋଷ୍ଟ-କୋଭିଡ୍‌ର ପ୍ରଭାବ ଏତେ ଭୟାବହ ଥିଲା ଯେ ତୁରନ୍ତ ୨୬.୦୯.୨୦୨୦ରେ ସମ୍ ହସ୍ପିଟାଲ୍‌ରେ ତାଙ୍କୁ ଆଡମିଟ୍ କରାଗଲା। ମାତ୍ର ଆମ ସମସ୍ତଙ୍କୁ ଦାରୁଣ ଦୁଃଖ ଦେଇ ଅକ୍ଟୋବର ୪ ତାରିଖରେ ଚିରବିଦାୟ ନେଇ ମହାଯାତ୍ରାରେ ଚାଲିଗଲେ ମହାରଥୀ ସେହି ସ୍ଥାନକୁ, ଯେଉଁଠାରୁ କେହି କେବେ ଫେରିଆସେ ନାହିଁ। ବିରାଟ ଶୋଭାଯାତ୍ରାରେ ସସମ୍ମାନେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା ତାଙ୍କ ପାର୍ଥିବ ଶରୀର। ହଜାର ହଜାର ଜନତା ଜାତି ଧର୍ମ ଦଳ ନିର୍ବିଶେଷରେ ଯୋଗ ଦେଇଥିଲେ ତାଙ୍କର ଏହି ଅନ୍ତିମ ଯାତ୍ରାରେ। ଭୁବନେଶ୍ୱରଠାରୁ ପୁରୀ ସ୍ୱର୍ଗଦ୍ୱାର ଯାଏ ରାସ୍ତାର ଦୁଇ ପାର୍ଶ୍ୱରେ ଠିଆହୋଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ସେମାନଙ୍କର ଅତି ଆପଣାର ମଣିଷଟିକୁ। ପଞ୍ଚଭୂତର ଶରୀର ପଞ୍ଚଭୂତରେ ମିଶିଗଲା, ସବୁଦିନ ପାଇଁ ବିଦାୟ ନେଲେ ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ, ଅଦ୍ୱିତୀୟ ରାଜନେତା, ଅଜାତଶତ୍ରୁ ପ୍ରଦୀପ ମହାରଥୀ ଆମ ପ୍ରିୟ ନଟୁଭାଇ ମର୍ତ୍ତ୍ୟଲୋକରୁ। ଓଡ଼ିଶା ରାଜନୀତିରେ ସୃଷ୍ଟିହେଲା ଏକ ବିରାଟ ଶୂନ୍ୟସ୍ଥାନ।

ମାଟିର ପୁଅ ଚଷାପୁଅ ପ୍ରଦୀପ ମହାରଥୀଙ୍କୁ ମନେରଖିବେ ଓଡ଼ିଶାର ଜନସାଧାରଣ, ଆବାଳବୃଦ୍ଧବନିତା, ଆକାଶରେ ଚନ୍ଦ୍ର, ସୂର୍ଯ୍ୟ, ତାରକାପୁଞ୍ଜ ଯେପର୍ଯ୍ୟନ୍ତ ଥିବେ। ଆଜି ଉତ୍କଳଜନନୀର ସେହି ବୀରପୁତ୍ର ପ୍ରଦୀପ ମହାରଥୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମୁଁ ତାଙ୍କର ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**ଡ. ପ୍ରତିଭା ମହାରଥୀ, ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ - ୯୪୩୭୦୩୬୮୦୯**

## ବାଲେଶ୍ୱରରେ ରାଜସ୍ୱ ଡିଭିଜନ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନବଜ୍ୟୋତିଙ୍କ ପତ୍ର

ବାଲେଶ୍ୱର (ପିଏନ୍): ବାଲେଶ୍ୱରର ଭୌଗୋଳିକ ସ୍ଥିତି ଓ ଦୂରତାକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କ ନିକଟରେ ପ୍ରଶାସନିକ ସୁବିଧା ଯୋଗାଇଦେବା ପାଇଁ ବାଲେଶ୍ୱରକୁ ଏକ ରାଜସ୍ୱ ଡିଭିଜନରେ ପରିଣତ କରିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିକଟକୁ ପତ୍ରଲେଖି ତାଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ। ଏଥିସହିତ ଉକ୍ତ ପତ୍ରର ନକଲ ସେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ଏଥିରେ ନବଜ୍ୟୋତି ଲେଖିଛନ୍ତି ଯେ ବାଲେଶ୍ୱରକୁ ରାଜସ୍ୱ ଡିଭିଜନରେ ପରିଣତ କରିବାକୁ ଉ???ର ଓଡ଼ିଶା ଜନସାଧାରଣଙ୍କ ପକ୍ଷରୁ ହେଉଥିବା ଯଥାର୍ଥ ଏବଂ ନ୍ୟାୟସଂଗତ ଦାବି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ପତ୍ରରେ ସେ କହିଛନ୍ତି, ରାଜ୍ୟ ସରକାର ସାଧାରଣ ଓ ରାଜସ୍ୱ ପ୍ରଶାସନିକ କାର୍ଯ୍ୟ ସୁରୁଖୁରୁରେ ଓ ସଫଳତାର ସହିତ ପରିଚାଳନା କରିବାକୁ ତିନିଟି ରାଜସ୍ୱ ଡିଭିଜନ ଗଠନ କରିଛନ୍ତି। ତେବେ ପଶ୍ଚିମ ଓଡ଼ିଶାରେ ଥିବା ଜିଲାଗୁଡ଼ିକୁ ସମ୍ବଲପୁରରେ ଥିବା ଉତ୍ତରାଂଚଳ ରାଜସ୍ୱ ଡିଭିଜନ ଅଧୀନରେ ରଖାଯାଇଥିବାବେଳେ ଦକ୍ଷିଣ ଓଡ଼ିଶାରେ ଥିବା ଜିଲାଗୁଡ଼ିକୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଂଚଳ ରାଜସ୍ୱ ଡିଭିଜନ ଅଧୀନରେ ରଖାଯାଇଛି। ରାଜ୍ୟର ଅବଶିଷ୍ଟ ଜିଲାଗୁଡ଼ିକୁ ନେଇ ଗଠିତ ଏକ ବିଶାଳ ଅଂଚଳକୁ କଟକସ୍ଥିତ କେନ୍ଦ୍ରାଂଚଳ ରାଜସ୍ୱ ଡିଭିଜନ ଅଧୀନରେ ରଖାଯାଇଛି। ତେବେ ଭୌଗୋଳିକ, ମୁଖ୍ୟ ଦପ୍ତରଠାରୁ ଦୂରତା ଏବଂ ନ୍ୟାୟସଂଗତ ବିତରଣ ଭଳି କାରଣଗୁଡ଼ିକୁ ଅଣଦେଖା କରାଯାଇ କେବଳ ରାଜ୍ୟର ସମୁଦାୟ ଜିଲ୍ଲାକୁ ତିନିଭାଗରେ ବିଭକ୍ତ କରିଦିଆଯାଇ ଏହି ତିନିଟି ଡିଭିଜନ ସୃଷ୍ଟି କରାଯିବା ଭଳି ମନେହେଉଛି, ଯେଉଁଥିରେ ପ୍ରତି ୧୦ଟି ଜିଲାକୁ ଗୋଟିଏ ଡିଭିଜନ ଅଧୀନରେ ରଖାଯାଇଛି। ଏକ ଉଦାହରଣ ଦେଇ ସେ କହିଛନ୍ତି ଯେ କେନ୍ଦୁଝର ଜିଲାକୁ ଉତ୍ତରାଂଚଳ ରାଜସ୍ୱ ଡିଭିଜନ ଅଧୀନରେ ରଖାଯାଇଛି। ତେବେ କେନ୍ଦୁଝରରୁ ଏହି ରାଜସ୍ୱ ଡିଭିଜନର ମୁଖ୍ୟ ଦପ୍ତର ସମ୍ବଲପୁର ୨୦୦ କିଲୋମିଟର ଦୂରରେ ଅବସ୍ଥିତ। ଏହା କେନ୍ଦୁଝର ଅଧିବାସୀଙ୍କ ପାଇଁ ସେମାନଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରସଙ୍ଗଡ଼ିକର ସମାଧାନ ଦିଗରେ ଅନେକ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି। ସଫଳ ଆଂଚଳିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରାଯିବା ସମୟରେ ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ମୟୁରଭଂଜ ଏବଂ ଯାଜପୁର ଆଦି ଜିଲା ବାଦ୍ ପଡିଥିବା ଭଳି ମନେହେଉଛି। ସେଥିପାଇଁ ଏହି ଜିଲାଗୁଡ଼ିକୁ ସାମିଲ କରି ବାଲେଶ୍ୱରରେ ଏକ ରାଜସ୍ୱ ଡିଭିଜନ ସ୍ଥାପନ ପାଇଁ ନବଜ୍ୟୋତି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ସେ କହିଛନ୍ତି ଯେ ବାଲେଶ୍ୱର ଉତ୍ତର ଓଡ଼ିଶାର ସର୍ବବୃହତ ସହର ଏବଂ ଏଠାରେ ଓଡ଼ିଶା ସରକାର ତଥା ଭାରତ ସରକାରଙ୍କର ବହୁ ବିଭାଗର ଡିଭିଜନାଲ ମୁଖ୍ୟ କାର୍ଯ୍ୟାଳୟ। ତେଣୁ ଏହାକୁ ଏକ ରାଜସ୍ୱ ଡିଭିଜନର ମୁଖ୍ୟ ଦପ୍ତର ଭାବେ ମନୋନୀତ କରାଯିବା ନେଇ ଏହା ଯୋଗ୍ୟତା ହାସଲ କରିଛି। ବାଲେଶ୍ୱର ମଧ୍ୟ ଅତି ଉତ୍ତମ ଭାବରେ ସଂଯୁକ୍ତ ଏବଂ ଏହିସବୁ ଜିଲ୍ଲାଗୁଡ଼ିକର ଅଧିବାସୀଙ୍କ ପାଇଁ ସହଜରେ ପହଂଚି ହେବା ଭଳି ସ୍ଥାନ। ଏଠାରେ ରାଜସ୍ୱ ଅଦାଲତଗୁଡ଼ିକ ନିକଟରେ ରହିଥିବାରୁ ଭୂସଂସ୍କାର ଏବଂ ଜମି ମାଲିକାନା ସମ୍ପର୍କିତ ଆଇନଗତ ବିବାଦଗୁଡ଼ିକର ମଧ୍ୟ ସହଜରେ ସମାଧାନ କରାଯାଇପାରିବ। ଏହାଦ୍ୱାରା ସେମାନଙ୍କ ରାଜସ୍ୱ ମାମଲାଗୁଡ଼ିକର ଫଇସଲା ତଥା ପେନସନ ମୁରୀ, ଗ୍ରାଚ୍ୟୁଇଟି, ମୃତ୍ୟୁକାଳୀନ ତଥା ଅବସରକାଳୀନ ସୁବିଧା ସୁଯୋଗ ଏବଂ ଡିଭିଜନାଲ କାର୍ଯ୍ୟାଳୟର ହସ୍ତକ୍ଷେପ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ରାଜସ୍ୱ ସମ୍ପର୍କିତ ବିଷୟଗୁଡ଼ିକର ସମାଧାନ କରିବାକୁ ଉତ୍ତର ଓଡ଼ିଶା ଜନସାଧାରଣଙ୍କୁ ଆଉ କଟକ ଯିବାକୁ ପଡିବନାହିଁ। ଉତ୍ତର ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। କିନ୍ତୁ ଏହା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଂଚଳ ହୋଇରହିଛି। ପ୍ରାକୃତିକ ବିପର୍ଯ୍ୟୟ ଅଥବା ମହାମାରୀ ସମ୍ପର୍କିତ କୌଣସି ପ୍ରସଙ୍ଗ, ଅଥବା ବ୍ୟାପକ ଅଂଚଳରେ ଫସଲ ହାନି, ବେଆଇନ ଭାବରେ ଜଙ୍ଗଲ ଜମି ଜବରଦଖଲ, ବୈଧ ଅନୁମତି ନଥାଇ ଗଛ କାଟିବା ଆଦି ବହୁବିଧ କାରଣ ତୁରନ୍ତ ସମାଧାନ ପାଇଁ ଏକ ରାଜସ୍ୱ ଡିଭିଜନ ମୁଖ୍ୟଦପ୍ତରର ଉପସ୍ଥିତି ନିତାନ୍ତ ଜରୁରୀ। ସେଥିପାଇଁ ବାଲେଶ୍ୱରଠାରେ ଏକ ରାଜସ୍ୱ ଡିଭିଜନ ସ୍ଥାପନ ସମ୍ପର୍କିତ ନ୍ୟାୟସଂଗତ ଦାବି ପ୍ରତି ଦୃଷ୍ଟିଦେଇ ଉତ୍ତର ଓଡ଼ିଶାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ପଦକ୍ଷେପ ନେବାକୁ ନବଜ୍ୟୋତି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଲୁଟିଆକୁ କାବୁ କରି ପୋଲିକୁ ହସ୍ତାନ୍ତର କଲେ ଦମ୍ପତି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆ ମହାନ୍ତି ସାହିରେ ରହୁଥିବା ଆଇନଜୀବୀ ଭାରତ ଭୂଷଣ ପଟ୍ଟନାୟକ ଓ ତାଙ୍କ ପତ୍ନୀ ଶିକ୍ଷୟିତ୍ରୀ ଚାରୁବାଳା ପଟ୍ଟନାୟକ ଜଣେ ଲୁଟେରାକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଲୁଟିଆ ଜଣକ ହେଉଛି କେନ୍ଦୁଝରର ଆନନ୍ଦପୁରର ମୋହିତ ମହାରଣା। ଲୁଟିଆକୁ କାବୁ କରିଥିବା ଏହି ସାହସୀ ଦମ୍ପତିଙ୍କୁ ନେଇ କେନ୍ଦ୍ରାପଡ଼ାରେ ବେଶ ଚର୍ଚ୍ଚା ହୋଇଛି। ସୂଚନାଯୋଗ୍ୟ ଯେ କେନ୍ଦୁଝରର ଆନନ୍ଦପୁରର ଜଣେ ମୂଲିଆ ମୋହିତ ମହାରଣା ଭାରତଙ୍କ ଘର ନିକଟରେ ରହୁଥିଲେ। ସେ ଚାରୁବାଳା ଓ ତାଙ୍କ ସ୍ୱାମୀ ଭାରତଙ୍କୁ ହାଣି ଘରୁ ସୁନା ଗହଣା ଓ ଟଙ୍କା ଲୁଟିବା ପାଇଁ ଯୋଜନା କରିଥିଲା। ଫଳରେ ସନ୍ଧ୍ୟାରେ ତାଙ୍କ ଘରେ ପଶି ଠାକୁର ଘରେ ଲୁଚି ରହିଥିଲା। ରାତି ପାଖାପାଖି ୧୨ଟା ହେବ ଲୁଟିଆ ଜଣକ ସେଠାରୁ ବାହାରି ଭାରତଙ୍କ ମୁହଁରେ ତକିଆ ପକାଇ ମାଡି ବସିଥିଲା। ହଠାତ ଭାରତ ଅଣନିଃଶ୍ୱାସୀ ହୋଇ ନିଦରୁ ଉଠିପଡିଥିଲେ। ଘର ଅନ୍ଧାର ଥିଲା। ଏହି ସମୟରେ ଲୁଟିଆଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଲୁଟିଆ ଏକ ଛୁରୀ ବାହାର କରି ଭାରତଙ୍କ ଉପରକୁ ଆକ୍ରମଣ କରିଥିଲା। ଫଳରେ ଭାରତ ଆହତ ହୋଇଥିଲେ। ତଥାପି ଭାରତ ତାଙ୍କୁ ଛାଡି ନଥିଲେ। ତାଙ୍କ ସହ ଭାରତ ଓ ତାଙ୍କ ପତ୍ନୀଙ୍କ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଲୁଟିଆ ପୂର୍ବରୁ ଲୁଚାଇ ରଖିଥିବା ଛୁରୀରେ ଦମ୍ପତିଙ୍କୁ ଆକ୍ରମଣ କରିଥିଲା। ଭାରତଙ୍କ ହାତରେ ଏକ ଚୋଟ ବସିଥିଲା। ତଥାପି ଉଭୟ ଦମ୍ପତି ତାଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ସମୟରେ ଲୁଟିଆ ଅନ୍ୟ ଏକ ଘରକୁ ପଶି ଯାଇଥିଲା। ଫଳରେ ଦମ୍ପତି ବାହାରୁ କବାଟ ଦେଇ ଦେଇଥିଲେ। ଏହାପରେ ସ୍ଥାନୀୟ ଲୋକ ଓ ପୁଲିସକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଓ ପୁଲିସ ପହଞ୍ଚିବା ପରେ ଘର ଖୋଲାଯାଇ ଲୁଟିଆକୁ କାବୁ କରାଯାଇଥିଲା। ଏହି ସମୟରେ ଲୋକେ ଲୁଟିଆକୁ ଉତ୍ତମ ମଧ୍ୟମ ଦେଇଥିଲେ। ପୁଲିସ ଏକ ମାମଲା ନଂ. ୫୩୮/୨୦୨୧ ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି।

## ଦୀର୍ଘ ୧୫ଦିନର ଲୁଚକାଳି ପରେ ଇସ୍ତଫା ଦେଲେ ଯୁବକସଙ୍ଘ ସାଧାରଣ ସମ୍ପାଦକ

କେନ୍ଦ୍ରାପଡ଼ା (ପିଏନ୍): ସରକାରୀ ନିୟମ ଏବଂ ଚାକିରୀ ସର୍ତ୍ତାବଳୀ ଖିଲାପକରି ବିଭାଗୀୟ ଅଧିକାରୀ ଓ ଆଇନ ସହ ଲୁଚକାଳି ଖେଳି ସାରିବା ପରେ ଓଳାଭର ନୋଡାଲ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀନିବାସ ଓଝା ଓଳାଭର ଯୁବକ ସଙ୍ଘ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ସେହି ଇସ୍ତଫା ପତ୍ରର ନକଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତଙ୍କୁ ପ୍ରଦାନ କରିବା ପରେ ଶ୍ରୀ ରାଉତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ସେହି ନକଲ ପଠାଇଥିବା ଜଣାପଡିଛି। ଏହି ଘଟଣାରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ ସିଂଙ୍କ ପଦକ୍ଷେପକୁ ଅଭିଯୋଗକାରୀ ନଳିନୀ ପୃଷ୍ଟି, ଜିଲ୍ଲା ୟୁଟିଆଇ ସମ୍ପାଦକ ହେମନ୍ତ ଜେନା, ପୂର୍ବତନ ଛାତ୍ର ଶ୍ରୀକାନ୍ତ ସେନାପତି, ପ୍ରଶାନ୍ତ ସେଠୀ, ଅନିତା ବାରିକ, ମନୋଜ ରଥ, ଭାଗିରଥି ପୃଷ୍ଟି, ଆଶିଷ କୁମାର ପୃଷ୍ଟି, ରଞ୍ଜନ କୁମାର ପରିଡାଙ୍କ ସମେତ ଓଳାଭର ଅଞ୍ଚଳର ବହୁ ପ୍ରାକ୍ତନ ଛାତ୍ର ଓ ଯୁବକ ସଙ୍ଘର ପ୍ରାକ୍ତନ ସଭ୍ୟମାନେ ସ୍ୱାଗତ କରିବା ସହ କୃତଜ୍ଞତା ଅର୍ପଣ କରିଛନ୍ତି।

## ଶିକ୍ଷକନେତା ପ୍ରାଧ୍ୟାପକ ମନିନ୍ଦ୍ର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ପରିସରରେ ଜିଲ୍ଲା ଅବସରପ୍ରାପ୍ତ ଅଧ୍ୟାପକ ସଂଘ ପକ୍ଷରୁ ରାଜ୍ୟର ଶିକ୍ଷକ ନେତା ପ୍ରାଧ୍ୟାପକ ମନିନ୍ଦ୍ର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୂର୍ବତନ ଅଧ୍ୟକ୍ଷ ଡଃ. ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୂର୍ବତନ ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ସଂଘର ସଂପାଦକ ପ୍ରାଧ୍ୟାପକ ଅଜୟ ସାମଲ ସ୍ୱର୍ଗତ ସାମଲଙ୍କ କାର୍ଯ୍ୟାବଳୀ ବିଶେଷ ଭାବରେ ଶିକ୍ଷକ ମାନଙ୍କ ନେତୃତ୍ୱ ନେଇ ରାଜ୍ୟରେ ଶିକ୍ଷାର ଅଗ୍ରଗତି ଏବଂ ଶିକ୍ଷକ ସମସ୍ୟାର ସମାଧାନ ଦିଗରେ ତାଙ୍କର ଅଗ୍ରଣୀ ଭୂମିକା ସଂପର୍କରେ ସ୍ମୃତିଚାରଣ କରିଥିଲେ। ସେ ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରି ସରଳ ଜୀବନ ଯାପନ କରିବା ସହ ଅନେକ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ ସହ ନିଜକୁ ଜଡିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଂପାଦକ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଡଃ. ଗିରିଶ ଚନ୍ଦ୍ର ପାତ୍ର, ଶ୍ରମିକ ନେତା ବାବାଜି ଧଳ, ବୀମା କର୍ମଚାରୀ ନେତା ଅମୀୟ ନାୟକ, ପ୍ରାଥମିକ ଶିକ୍ଷକ ସଙ୍ଘ ନେତା ଶ୍ରୀନିବାସ ପରିଡା, ବିକାଶ ସାମ୍ମୁଖ୍ୟ ଉପସଭାପତି ବୈଷ୍ଣବ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଗୌରାଙ୍ଗ ଚରଣ ସାହୁ, ବଳରାମ ସାହୁ, ମଧୁସୂଦନ ବାରିକ ପ୍ରମୁଖ ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଧାନମଣ୍ଡଳ ଷ୍ଟେସନ୍ ଗସ୍ତକରି ଜାତୀୟ ସୁବିଧା ଯାଂଚ କଲେ ପାସେଞ୍ଜର ଆମିନେଟିଭ୍ କମିଟି

ଚଣ୍ଡିଖୋଲ (ପିଏନ୍): ନିକଟରେ ରେଳବାଇର ସର୍ବଭାରତୀୟ ଆମିନେଟିଭ୍ କମିଟି ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଯାଜପୁର ରୋଡ଼ ଓ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧାନମଣ୍ଡଳ ରେଳ ଷ୍ଟେସନକୁ ଆସି ବିଭିନ୍ନ ସମସ୍ୟା ଯାଂଚ କରିବା ପାଇଁ ରାଜ୍ୟ ବିଜେପି ସମ୍ପାଦକ ଅମର ନାୟକ କମିଟିକୁ ଅନୁରୋଧ କରିଥିଲେ। ଭାରତ ବନ୍ଦ ଓ ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀ ନାୟକଙ୍କ ଅନୁରୋଧକୁ ରକ୍ଷାକରି ସନ୍ଧ୍ୟା ୭ଘଟିକାରେ ଏହି ଟିମ୍ ଧାନମଣ୍ଡଳ ରେଳଷ୍ଟେସନରେ ପହଂଚିଥିଲେ। ଦିଲ୍ଲୀପ ମଲ୍ଲିକଙ୍କ କନ୍‌ଭେନରରେ ଆସିଥିବା ଏହି କମିଟିର ସଦସ୍ୟ ଅଜୟ ଯାଜବ, ଅଭିଜିତ୍ ଦାସ, ରାମକୁମାର ପାହନ, ଅଭିଳାଷ ପାଣ୍ଡେ, ବିଚିତ୍ରନାରାୟଣ କାଲିଟି ଓ ସୁନେଲୀ ରାମ୍‌ଙ୍କୁ ସ୍ଥାନୀୟ ଯୁବକମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଷ୍ଟସନ୍ ବୁଲି ବିଭିନ୍ନ ସମସ୍ୟା ଯାଂଚ କରିବାପରେ ସାମ୍ବାଦିକ ପ୍ରମୋଦ ଜେନା ସମାଜସେବୀ ସୁଧାକର ଦାଶ, ପ୍ରକାଶ ସାହୁ, ପୁର୍ବତନ ସରପଂଚ ରବୀନ୍ଦ୍ର ମହାନ୍ତି, ତଫିରୁଦ୍ଦିନ ଖାଁ, ପ୍ରଦୀପ ଦାସ ଓ ଅନାମ ଚରଣ ନାୟକ ପ୍ରମୁଖ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଷ୍ଟେସନର ପ୍ଲାଟଫର୍ମ ସମ୍ପ୍ରସାରଣ, ପ୍ରତୀକ୍ଷାଳୟ ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ଷ୍ଟେସନ୍ ଗୃହ ନବୀକରଣ, ଶୌଚାଳୟ ବ୍ୟବସ୍ଥା, ଆଲୋକିକରଣ, କ୍ୟାଂଟିନ୍ ବ୍ୟବସ୍ଥା, ଏବଂ ଏକ ନୂତନ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ପ୍ରଭୃତି ସମସ୍ୟାକୁ କମିଟି ଆଗରେ ଉପସ୍ଥାପିତ କରାଯାଇଥିଲା। ଏଠାରେ ତିନିଗୋଟି ଏକ୍ସପ୍ରେସ୍ ଟ୍ରେନ୍ ସହ ୫ଗୋଟି ପାସେଞ୍ଜର ଟ୍ରେନ୍ ରହଣୀ କରୁଅଛି। ପ୍ରତ୍ୟେକ ଦିନ ୪୦୦ରୁ ଉର୍ଦ୍ଧ୍ୱ ପାସେଞ୍ଜର ଏଠାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥାନ୍ତି। ପାସେଞ୍ଜର ମାନଙ୍କ ଟିକଟ୍‌ରୁ ବାର୍ଷିକ ୨୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟବସାୟ ହେଉଥିଲା ବେଳେ ମାଲ ପରିବହନ କ୍ଷେତ୍ରରେ ଏଠାରୁ ମଧ୍ୟ ବ୍ୟାପକ ରାଜସ୍ୱ ସଂଗୃହିତ ହୋଇଥାଏ। ଆବଶ୍ୟକୀୟ ଭିତିଭୂମି ନଥିବାରୁ ଯାତ୍ରୀମାନେ ଏଠାକୁ ନଆସି ଅନ୍ୟ ଷ୍ଟେସନ ଜରିଆର ଯାତାୟାତ କରିଥାନ୍ତି। ଯାଂଚ ସମୟରେ ଉପସ୍ଥିତ ଥିବା ଖୋର୍ଦ୍ଧା ଡିଭିଜନ୍‌ର ଏଡ଼ିଆର ଏମ୍ ସିକଲ୍ୟାଣ ପଟ୍ଟନାୟକ, ବରିଷ୍ଠ ଡିଭିଜନାଲ ବାଣିଜ୍ୟ ଅଧିକାର ଅମିତେଶ ଆନନ୍ଦ ଓ ସିନିୟର ଡ଼ିଇଏନ୍ ଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ସମସ୍ୟା ସଂପର୍କରେ ଅବଗତ ହେବା ସହ ତୁରନ୍ତ ଏହାର ନବୀକରଣ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଫସଲ କ୍ଷୟକ୍ଷତିର ଆକଳନ ପାଇଁ ତହସିଲଦାରଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଗତ ଲଘୁଚାପଜନିତ ବର୍ଷାରେ କେନ୍ଦ୍ରାପଡା ତହସିଲ ଅଧିନ ଭାଗବତପୁର ଓ ଭରତପୁର ରାଜସ୍ୱ ସର୍କଲ ଅନ୍ତର୍ଗତ ମୌଜା ଗୁଡିକରେ ଧାନଫସଲ ସଂପୂର୍ଣ୍ଣ ବର୍ଷାପାଣିରେ ବୁଡି ରହିଥିବାରୁ ଫସଲ ନଷ୍ଟ ହୋଇଯାଇଛି। ବିଶେଷ କରି କଷୋଟି,ଜମଧର, ମରଡପୁର ମୌଜାର ଧାନଫସଲ ଏବେବି ପାଣିରେ ବୁଡି ରହିଥିବାରୁ ସେହି ଅଞ୍ଚଳର ଧାନଫସଲ ସଂପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଥିବାରୁ ସେ ସମ୍ପର୍କରେ ଅନୁଧ୍ୟାନ କରି ରାଜସ୍ୱ ନିରୀକ୍ଷକ (ଆର.ଆଇ.) ରିପୋର୍ଟ ପ୍ରଦାନ କରିବା କଥା। ଅନ୍ୟସ୍ଥାନ ଭଳି ଏଠାରେ କ୍ଷୟକ୍ଷତିର ଅନୁଧ୍ୟାନ ନକରି ରାଜସ୍ୱ ନିରୀକ୍ଷକ କିଛି ହୋଇନଥିବା ଦର୍ଶାଉଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସରକାରଙ୍କ ଘୋଷଣା ଅନୁଯାଇ ଯେଉଁ ମୌଜାରେ ୩୩ ପ୍ରତିଶତ ଫସଲ କ୍ଷତି ହୋଇଥିବ ସେହି ମୌଜାକୁ କ୍ଷତିପୁରଣ ପାଇଁ ଅନ୍ତର୍ଭୁକ୍ତ କରାଯିବା କଥା। ତେଣୁ ତହସିଲଦାର ଏଥିପ୍ରତି ଦୃଷ୍ଟି ଦେଇ ଏହି କ୍ଷତିଗ୍ରସ୍ତ ମୌଜା ଗୁଡିକର ଧାନ ଫସଲ କ୍ଷୟକ୍ଷତିର ଅନୁଧ୍ୟାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନଙ୍କ ପକ୍ଷରୁ ଅଞ୍ଜନ କୁମାର ପଲାଇ, ସୁବାଷ ଚନ୍ଦ୍ର ସାହୁ, ଅମର ସେଠୀ, ବିଦ୍ୟୁଲତା ପଲେଇ, ମହେନ୍ଦ୍ର କୁମାର ସ୍ୱାଇଁ, ଅମୀୟ କୁମାର ବରାଳ ପ୍ରମୁଖ କେନ୍ଦ୍ରାପଡା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରି ନିବେଦନ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୫

# —ବ୍ୟକ୍ତିଗତ ଅନୁଭୂତି—

***ଗ୍ରହଣୀୟତାର ମାପକକୁ ନେଇ ଅନୁଭବର ସମଷ୍ଟିକୁ ମଣିଷ ନିଜର ଅନୁଭୂତି ମଧ୍ୟରେ ସାଇତି ରଖିଥାଏ ! ହେଲେ ସେହି ନିଜସ୍ୱ ଅନୁଭୂତିର ସତ୍ୟତା, ବାସ୍ତବିକତାର ଅନ୍ତର କେତେ ?!***



ଗୋଟିଏ ଲୁଗା ଦୋକାନରେ ଜଣେ ଗ୍ରାହକ ଅନେକ ଲୁଗାରୁ ବାଛି ବାଛି ଗୋଟିଏ ନିର୍ଦ୍ଧାରଣ କରିଥା'ନ୍ତି କିଣିବା ପାଇଁ । ସେହି ଲୁଗାର ରଙ୍ଗ, ରୂପ, ବସ୍ତୁତ୍ୱ ଇତ୍ୟାଦି କୌଣସି କାରଣରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭଲ ଲାଗିଲା ଯାହା ସମୟ ସ୍ରୋତର ଏକ ପରିପାର୍ଶ୍ୱିକ ପରିସ୍ଥିତି ଏବଂ ନିଜ ଭାବନାର ପ୍ରତିଫଳନ ହେତୁ । ହୁଏତ ଅନ୍ୟ କୌଣସି ସମୟରେ ସେହି ବ୍ୟକ୍ତି ଜଣକୁ ଅନୁରୂପ ଆକୃତିର ଲୁଗାଟିଏ ବ୍ୟତୀତ ଅନ୍ୟ ଗୋଟିଏ ଭଲ ଲାଗିପାରେ । ପୁଣି ସହ ସହ ଲୁଗା ମଧ୍ୟରୁ ବାଛି ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଲୁଗାଟି ବ୍ୟତୀତ ଅନ୍ୟସବୁ, ବ୍ୟବସାୟୀ ନିଶ୍ଚୟ ବିକ୍ରି କରିବେ । କାହାକୁ କେଉଁଟା କାହିଁକି କେଉଁ ପରିସ୍ଥିତିରେ ଭଲ ଲାଗିବ ତାହାର କୌଣସି ନିର୍ଦ୍ଧାରଣ ଅଜ୍ଞତା ହେତୁ ବିଭିନ୍ନ ପ୍ରକାର ଲୁଗା ରଖିବାକୁ ପଡିଥାଏ ଦୋକାନରେ । ଅର୍ଥାତ ଦୋକାନୀଙ୍କ ସମସ୍ତ ଲୁଗା ବିକ୍ରି ହେବ । କି'ନ୍ତୁ କାହାର ଗ୍ରହଣୀୟତା କ'ଣ ସେ ଜାଣି ନାହିଁ । ତେଣୁ ଶହ ଶହ ଲୁଗା ରଖିଥା'ନ୍ତି ଯାହା, ସବୁ ବିକ୍ରି ହେବ । କି'ନ୍ତୁ ଯାହାର ଗ୍ରହଣୀୟତାକୁ ନେଇ ତା'ର ନିଜସ୍ୱ ଅନୁଭବ । ଏବଂ ସେହି ଅନୁଭବରୁ ସୃଷ୍ଟି ଅନୁଭୂତି ଯାହା ତାଙ୍କୁ ଭବିଷ୍ୟତରେ ସାହାଯ୍ୟ କରିଥାଏ ଆଉ ଗୋଟିଏ ବାଛିନେବା ପାଇଁ । କି'ନ୍ତୁ ଅନ୍ୟ ଗୁଡିକ ମଧ୍ୟ କୌଣସି ଅଗ୍ରହଣୀୟ ନୁହେଁ । ବରଂ କାହାକୁ କେଉଁଟା ଭଲ ଲାଗେ, ସେଇଟା ତାହାର ଅନୁଭୂତିରେ ରହିଥାଏ । ତେଣୁ ବ୍ୟକ୍ତିଗତ ଅନୁଭୂତର କୌଣସି ନିର୍ଦ୍ଦିଷ୍ଟ ବାସ୍ତବତା, ସତ୍ୟତା ରହିନଥାଏ । ବାସ୍ତବ, ସତ୍ୟ ଏବଂ ବ୍ୟକ୍ତିଗତ ଅନୁଭବ ମଧ୍ୟରେ ପ୍ରଭେଦ ମାପକରି ମଣିଷର ଅନୁଭୂତି ସୃଷ୍ଟି ହୋଇନଥାଏ । ବରଂ ନିଜକୁ କୌଣସି କାରଣରୁ ଗ୍ରହଣୀୟ ଅନୁଭବ ବିଷୟ ସମ୍ପୃକ୍ତ ମଣିଷର ଅନୁଭୂତିରେ ରହିଥିବା ହେତୁ ସେଗୁଡିକୁ ସାର୍ବଜନୀନ କ୍ଷେତ୍ରରେ ଉପଯୋଗ କରାଯାଇ ନପାରେ । ତେଣୁ ସତ୍ୟ ଏବଂ ବାସ୍ତବଜ୍ଞାନ ବ୍ୟତୀତ ଅନ୍ୟ ଯେକୌଣସି ଅନୁଭୂତିକୁ ମଣିଷ ନିଜସ୍ୱ ବିଚାରଧାରା ମଧ୍ୟରେ ସୀମିତ ରଖି, ସାର୍ବଜନୀନ କରାଯିବା ବିଧେୟ ନୁହେଁ । ଅଧିକନ୍ତୁ କୌଣସି ଅଲୌକିକ, ଅଜ୍ଞାତ ବିଷୟରେ କାହାର ବ୍ୟକ୍ତିଗତ ଅନୁଭୂତି ଆଦୌ ଗ୍ରହଣୀୟ ହୋଇ ନପାରେ !

ଯେକୌଣସି ବିଷୟର ଗ୍ରହଣୀୟତାକୁ ନେଇ ଅନୁଭବର ସମଷ୍ଟିକୁ ଅନୁଭୂତି ବୋଲି ବିଚାରକୁ ନେଇଥାଉ ଆମେ । ସେହି ଗ୍ରହଣୀୟତା ଅନେକ ସମୟରେ ପରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବଜନିତ ହେଉଥିବା ବେଳେ ଆଉ କେତେକ ନିଜର ମାନସିକ ଭାବାବେଗ ଜଡିତ ଥାଇ କୌଣସି କାରଣରୁ କାହାକୁ କ'ଣ ଭଲ ଲାଗେ ତାହା ସମ୍ପୃକ୍ତ ମଣିଷର ଗ୍ରହଣୀୟତା ଅନ୍ତର୍ଭୁକ୍ତ ହୋଇଥାଏ । ସେହି ଗ୍ରହଣୀୟ ବିଷୟକୁ ମନ ମାନସରେ ଭରିଦେଇ ଆନନ୍ଦ, ନିରାନନ୍ଦର ସନ୍ତୁଳିତ ବ୍ୟବଚ୍ଛେଦ କରି ମଣିଷ ଅନୁଭବ କରିଥାଏ ଅନେକ ତଥ୍ୟ । ସେହିଭଳି କେତେକ ଅନୁଭବର ସମଷ୍ଟି ମଣିଷ ଜୀବନର ଅନୁଭୂତି ପ୍ରବାହ କରିଥାଏ । ସେହି ଅନୁଭୂତିକୁ ମଣିଷ ଅନେକ ସମୟରେ ଶିରୋଧାର୍ଯ୍ୟ କରି ରଖିଥାଇ ସମୟରେ ତାହାର ଉପଯୋଗ କରୁଥିବା ସମସ୍ତଙ୍କର ବ୍ୟକ୍ତିଗତ ଅନୁଭବ ଥିବ ନିଶ୍ଚୟ । କି'ନ୍ତୁ ନିଜର ବ୍ୟକ୍ତିଗତ ଅନୁଭୂତି ଗୁଡିକୁ ସର୍ବୋତ୍କୃଷ୍ଟ, ସର୍ବଶେଷ ବୋଲି ବିଚାର କରିବା ଠିକ୍ ନୁହେଁ । କିମ୍ବା କୌଣସି ବିଷୟର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ନଜାଣି କେବଳ ନିଜର ଆଗ୍ରହ ଜନିତ ଗ୍ରହଣୀୟତାର ଅନୁଭୂତିକୁ ସାର୍ବଜନୀନ କରି ଅନ୍ୟକୁ ବାଣ୍ଟିବା ଆଦୌ ଠିକ ନୁହେଁ । ଅର୍ଥାତ ନିଜର ଅନୁଭୂତି ଗୁଡିକ ଯଦି ସମ୍ପୂର୍ଣ୍ଣ ସତ୍ୟ, ତଥ୍ୟ ଉପରେ ଆଧାରିତ ବୋଲି ପ୍ରମାଣ କରିପାରିବା କ୍ଷମତା ଥିଲେହିଁ ସେଗୁଡିକୁ ଅନ୍ୟକୁ ବାଣ୍ଟି ସମାଜରେ ସଚେତନତା ସୃଷ୍ଟି କରାଯାଇ ପାରେ । କି'ନ୍ତୁ ପ୍ରାମାଣିକ ତଥ୍ୟ ବିହୁନ ନିଜସ୍ୱ ଅନୁଭୂତିକୁ ବ୍ୟକ୍ତିଗତ ବିଚାରଧାରା ମଧ୍ୟରେ ରଖିବା ପରିବର୍ତ୍ତେ ବାହ୍ୟାରେ ଉପସ୍ଥାପନ କରାଯିବା ମାନବିକତାର ବିପରୀତ ଚି'ନ ଯାହାସବୁ ଗ୍ରହଣୀୟ ନୁହେଁ ।

କ୍ଷିପ୍ର ବୁଦ୍ଧି ଚାଳନା ହେଉ କିମ୍ବା ନିର୍ବୋଧତା, ଅନେକ ସମୟରେ ବିଯୁକ୍ତାତ୍ମକ ଦିଗକୁ ଟାଣିନେଇ ଅସତ୍ୟକୁ ଅକୁଣ୍ଠରେ ଗ୍ରହଣ କରିବା ସହିତ କୌଣସି ପ୍ରାମାଣିକ ତତ୍ତ୍ୱ, ତଥ୍ୟ ବିହୀନ ବିଷୟ ଗୁଡିକ ପ୍ରତି ପ୍ରଖର ଆସକ୍ତ ହେଉଥିବା ମଣିଷର ଏକ ପ୍ରାକୃତିକ ଅଲୌକିକ ବିଚାରଧାରା ବିଶିଷ୍ଟ ମାନସିକତା । ସେହି ଆକୃଷ୍ଟଭାବ କେବଳ ଅଜ୍ଞାନ, ଏବଂ ନିର୍ବୋଧତାର ପ୍ରତିଫଳନ ଯାହା ଶିକ୍ଷାରୁ ମିଳି ନଥାଏ ! ଉପଯୁକ୍ତ ବିଚାରଧାରା ସୃଷ୍ଟି କରିବା ତଥା ସତ୍ୟ, ତଥ୍ୟକୁ ନିଜର ଗ୍ରହଣୀୟତାରେ ବଶବର୍ତ୍ତୀ କରି ଅନୁଭୂତି ସୃଷ୍ଟି କରିବା କେବଳ ଅ'ର୍ନିହିତ ନିଜସ୍ୱ ଜ୍ଞାନରୁ ହିଁ ସମ୍ଭବ ଯାହା କରିବା ଅସମ୍ଭବ ହୋଇନଥିଲେ ମଧ୍ୟ ତାହାପ୍ରତି କାହାର ନିଗୁଢ଼ ମନୋନିବେଶ ନଥିବା ହେତୁ ସମସ୍ତେ ସେଇଥିରୁ ନିବୃତ୍ତ ଥାଇ କେବଳ ଦେଖା, ଶୁଣାରୁ ନିଜର ଗ୍ରହଣୀୟତା ସୃଷ୍ଟି କରି ଅନୁଭୂତି ସାପେକ୍ଷ କରୁଥିବା ଦେଖିବାକୁ ମିଳୁଛି ସର୍ବତ୍ର ! ସେହି ଅନୁଭୂତି ଗୁଡିକୁ ପୁଣି ସାର୍ବଜନୀନ କରି ସ୍ଥଳ ବିଶେଷରେ ଲିଖିତ କିମ୍ବା ଉପଦେଶାତ୍ମକ ବକ୍ତବ୍ୟ ମାଧ୍ୟମରେ ସାର୍ବଜନୀନ କରୁଥିବା ଦେଖିବାକୁ ମିଳୁଛି ଅନେକଙ୍କ କ୍ଷେତ୍ରରେ । ସାଧାରଣ ନିର୍ବୋଧ ବିଚାରଶୂନ୍ୟ ଭାବେ ତାହାର ତଥ୍ୟ, ସତ୍ୟ ଉପରେ କୌଣସି ବିଶ୍ଳେଷଣ ନକରି, ଗ୍ରହଣ କରୁଛ'ନ୍ତି ସେଗୁଡିକ ଯାହା ହୁଏତ ବର୍ଜନୀୟ ନିଶ୍ଚୟ । କାରଣ କୌଣସି ବିଷୟର ସତ୍ୟାସତ୍ୟ ନବୁଝି ଗ୍ରହଣ କରି ନିଜ ଅନୁଭୂତିରେ ସଂଯୋଜିତ କରିବା କେତେଦୂର ଠିକ ନିର୍ଭର କରୁଛି ନିଜସ୍ୱ ବିଚାରଧାରା ଉପରେ ଯାହାର ପରିମାର୍ଜନା କରାଯିବା ଅନିବାର୍ଯ୍ୟ ।

ନିଜର ଅନୁଭବକୁ ସତ୍ୟ, ତଥ୍ୟ ଉପରେ ଆଧାର କରି ନିଜ ଜୀବନକୁ ସରଳ, ସୁନ୍ଦର କରାଯିବାରେ କାହାର ମତାମତକୁ ଅଚିରେ ଶିରୋଧାର୍ଯ୍ୟ କରିନେବା ଆଦୌ ଗ୍ରହଣୀୟ ନୁହେଁ । ନିଜେ ନିଜର ଅ'ର୍ନ୍ତଜ୍ଞାନ ଉଦୟ ପୂର୍ବକ ଯେକୌଣସି ବିଷୟର ସତ୍ୟାସତ୍ୟ ଜାଣିବା ପରେହିଁ ଗ୍ରହଣ କରିବା ଠିକ୍, ଯାହା ନିଜର ସ୍ଥିର ଚିତ୍ତ ଏବଂ ବିଚାରଶୀଳ ଭାବନା ଦ୍ୱାରା ସମ୍ଭବ ହୋଇପାରେ । ଅଧିକ'ନ୍ତୁ କୌଣସି ବିଷୟକୁ ଗ୍ରହଣ କରିବା ପୂର୍ବରୁ ନିରୀକ୍ଷଣ, ବିଶ୍ଳେଷଣ ଏବଂ ଧ୍ୟାନ ମଧ୍ୟରେ ରଖି ଉପଯୁକ୍ତ ତଥ୍ୟ, ସତ୍ୟକୁ ଉନ୍ମୋଚନ କଲା ପରେହିଁ ଗ୍ରହଣ କରି ନିଜର ଅନୁଭବ ସାପେକ୍ଷ କରାଗଲେ ସେହି ଅନୁଭୂତି ଗୁଡିକ ଭବିଷ୍ୟ ଉପଯୋଗୀ ହୋଇପାରିବ ଏବଂ ମଣିଷ ପ୍ରାୟତଃ ସତ୍ୟ ଉପରେ ଆଧାରିତ ସମସ୍ତ ତଥ୍ୟ ଠିକ୍ ଭାବେ ବୁଝି ଜାଣିପାରିବ । ଅନ୍ୟଥା ସମାଜରେ ପ୍ରଚାରିତ, ପ୍ରସାରିତ ସମସ୍ତ ତଥ୍ୟ, ବିଷୟକୁ ଅକୁଣ୍ଠରେ ଗ୍ରହଣ କଲେ ନିଜକୁ ନିଜେ ପରୋକ୍ଷରେ ପ୍ରତାରିତ କରିବାରେ କାହାକୁ ଦୋଷାରୋପ କରିବା ଅଯୌକ୍ତିକ ।

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

**ବୟସରେ କେବଳ ବଡ଼ ହୋଇଥିଲେ ସୁଦ୍ଧା କେହି ଗୁଣବାନ ହୋଇପାରେ ନାହିଁ ।**

***ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।***

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବିଦ୍ୟାଳୟ ବନ୍ଦ ହେବା, ବିଦ୍ୟାଳୟ ମିଶ୍ରଣ : ପଛୁଆ ବର୍ଗ, ଜନଜାତି ଗୋଷ୍ଠୀ ଓ ଶିଶୁଙ୍କ ଉପରେ ପ୍ରଭାବ

**ଲୋକନାଥ ପଣ୍ଡା**

କିଛିଦିନ ତଳେ ସମ୍ବାଦର ବ୍ରହ୍ମପୁର ସଂସ୍କରଣରେ ତୁମୁଡ଼ିବନ୍ଧ ବ୍ଲକର ବେଲଘର ଅଂଚଳର ତଥା ବିଲମାଳ ପଂଚାୟତର ରାଜମ୍ ଗ୍ରାମର ପ୍ରାଥମିକ ଶିକ୍ଷାକୁ ନେଇ ଏକ ସମ୍ବାଦ ପ୍ରକାଶିତ ହୋଇଥିଲା । ୧୦ବର୍ଷ ଧରି ସ୍କୁଲ ଘର ସମ୍ପୂର୍ଣ୍ଣ ହୋଇପାରିନାହିଁ ଏବଂ ଆବଶ୍ୟକ ଶିଶୁ ନଥିବାରୁ ସ୍କୁଲଟି ବନ୍ଦ ହେବାକୁ ନିଷ୍ପତ୍ତି ନେଇନ୍ତି ! ବିଦ୍ୟାଳୟଟି କେତେକ ଗାଁ ଦାଣ୍ଡରେ ତ କେତେବେଳେ ଗୋଷ୍ଠୀଗୃହରେ ଚାଲୁଥିଲା, କିନ୍ତୁ କାଳକ୍ରମେ ବନ୍ଦ ହୋଇଗଲା ! ଖାଲି ଏହି ବିଦ୍ୟାଳୟ ନୁହେଁ, ଏହିଭଳି ପଛୁଆ ଓ ଅପହଂଚ ଅଂଚଳରେ ଅନେକ ବିଦ୍ୟାଳୟ ବନ୍ଦ ହୋଇଯାଇଛି କିମ୍ବା ହେବାକୁ ନିଷ୍ପତ୍ତି ନିଆଯାଇଛି !

ଚାରି ବର୍ଷ ତଳେ ମୁଁ ନିୟମିତ ଭାବରେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକର ବିଲବାଡ଼ି ପଂଚାୟତକୁ ନିୟମିତ ଭାବରେ ଯାଉଥିଲି । ସେହି ପଂଚାୟତରେ ୧୦ରୁ ୧୨ଟି ପ୍ରାଥମିକ ସ୍କୁଲ ଥିଲା । ତତ୍‌କାଳୀନ ଲୋକସଭା ସଦସ୍ୟାଙ୍କୁ ଧନ୍ୟବାଦ ଜଣାଇବି, କାରଣ ସେହିଭଳି ଏକ ଅପହଂଚ ପଂଚାୟତକୁ ପୌଷ୍ୟ ଗ୍ରହଣ କରିଥିଲେ ଏବଂ ସେହି ପଂଚାୟତର ବିକାଶ ପାଇଁ ବିଶେଷ ପ୍ରୟାସ କରୁଥିଲେ ଏବଂ ମୁଖ୍ୟତଃ ଠିକ୍ ଭାବରେ ରାସ୍ତା ନଥିବାରୁ ରାସ୍ତା ତିଆରି ପାଇଁ ବନ୍ଦୋବସ୍ତ କରିଥିଲେ । ସେହି ପଂଚାୟତରେ ଦେଖୁଥିଲେ, ଯେଉଁ ବିଦ୍ୟାଳୟରେ କିଛି ଭଲ ଶିକ୍ଷକ ଥିଲେ, ସେମାନଙ୍କୁ କୋଟଗଡ଼ ବା ୧୦୦ଉର୍ଦ୍ଧ୍ୱ କିଲୋମିଟର ବଦଳି କରାଗଲା । କିନ୍ତୁ ଯେଉଁ ଶିକ୍ଷକମାନେ ସେହି ଅପହଞ୍ଚ ଅଂଚଳକୁ ନିୟମିତ ଆସୁନଥିଲେ କିମ୍ବା ବିଦ୍ୟାଳୟକୁ ୧୧ଟାରେ ଆସି ତିନିଟାରେ ଚାଲି ଯାଉଥିଲେ, ଏହିଭଳି କିଛି ସମସ୍ୟା ଥିଲା, ସେମାନଙ୍କର ବିଶେଷ ଭାବରେ ବଦଳି ହେଉନଥିଲା । ସେହି ଅଂଚଳରେ ଯେତେବେଳେ ବିଦ୍ୟାଳୟ ବନ୍ଦ ହେବା ପାଇଁ ନିଷ୍ପତ୍ତି ନିଆଗଲା, ସେମାନେ ଗ୍ରାମବାସୀ ପଂଚାୟତ ହେଉ, ପରବର୍ତ୍ତୀ ସମୟରେ ଶିକ୍ଷା ଅଧିକାରୀଙ୍କୁ ଭେଟି ସ୍କୁଲ ବନ୍ଦ ହେବା ନିଷ୍ପତ୍ତିକୁ ପୁନଃବିଚାର କରିବାକୁ କହିଥିଲେ । ଶିଶୁମାନଙ୍କୁ ନେଇ ଅନ୍ୟ କୌଣସି ସ୍କୁଲରେ ନାମ ଲେଖାଇନଥିଲେ ! ସ୍କୁଲଗୁଡ଼ିକୁ ଜାଣିଶୁଣି ରୋଗିଣା କରାଯାଉଥିଲା ! ସରକାରଙ୍କ ତରଫରୁ ସେହି ବିଦ୍ୟାଳୟର ଛୋଟ ଛୋଟ ଶିଶୁଙ୍କୁ ନେଇ ସ୍ଥାନୀୟ ପଂଚାୟତ ମହକୁମା ଆଶ୍ରମ ସ୍କୁଲରେ ନାମ ଲେଖାଇବା ପାଇଁ ବ୍ୟବସ୍ଥା କରାଗଲା । କେତେ ଶିଶୁ ଆସିଲେ, କେତେ ଘରେ ରହିଲେ, ଏହି ଭଳି ହେଲା । ପରବର୍ତ୍ତୀ ସମୟରେ ଏହିଭଳି ପ୍ରତିବର୍ଷ କିଛି କିଛି ସ୍କୁଲ ବନ୍ଦ ହେବା ପାଇଁ ନିଷ୍ପତ୍ତି ନିଆଗଲା । ସ୍କୁଲ ବନ୍ଦ ହେବା ପୂର୍ବରୁ ସ୍କୁଲଟି କିପରି ବନ୍ଦ ହେବ, ସେହିଭଳି ବ୍ୟବସ୍ଥା କରାଗଲା ! ଗ୍ରାମବାସୀଙ୍କ ତରଫରୁ କିଛି କିଛି ପ୍ରତିରୋଧ ହେଉଥିଲା । ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆସିବା ପରେ ପୁଣିଥରେ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଉଥିଲା । କିନ୍ତୁ ସ୍କୁଲ ବନ୍ଦ ହେବା ଏବଂ ଏହି ପ୍ରକ୍ରିୟା ଚାଲୁଥିବା ବେଳେ ପିତାମାତା ଶିଶୁଙ୍କ ଶିକ୍ଷା ନେଇ ବେଶ୍ ଚିନ୍ତିତ ରହୁଥିଲେ । କିଛି ନିଷ୍ପତ୍ତି ନେଇପାରୁନଥିଲେ । କିନ୍ତୁ ବହୁ ବର୍ଷ ପୂର୍ବରୁ ଥିବା ପଂଚାୟତର ଥିବା କେତେକ ସ୍କୁଲ ବନ୍ଦ ହୋଇଗଲା ! ଏହା କେବଳ ବିଲବାଡ଼ି ପଂଚାୟତର କଥା ନୁହେଁ, ଏହା ଅନେକ ଜନଜାତି ଅଧ୍ୟୁଷିତ ଅଞ୍ଚଳର ପ୍ରାଥମିକ ଶିକ୍ଷାର ସ୍ଥିତି କହିଲେ ଅତ୍ୟୁକ୍ତି ହେବନାହିଁ !

ଓଡ଼ିଶା ସରକାରଙ୍କ ତରଫରୁ ଓଡ଼ିଶାର ଚଉଦ ହଜାର ସ୍କୁଲ ବନ୍ଦ ହୋଇଯିବା କିମ୍ବା ନିକଟସ୍ଥ ବିଦ୍ୟାଳୟରେ ମିଶିଯିବା ପାଇଁ ଗତ ପ୍ରାୟ ବର୍ଷେ ତଳେ ନୋଟିଫିକେସନ ବାହାରିଥିଲା । ଅବଶ୍ୟ ଏହି ନୋଟିଫିକେସନ୍ ଅନୁସାରେ କିଛି ମାତ୍ରାରେ ସ୍କୁଲ ବନ୍ଦ ହୋଇଛି । ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସରକାର ସ୍କୁଲ ବନ୍ଦ ଓ ମିଶ୍ରଣ କାର୍ଯ୍ୟକ୍ରମକୁ ବନ୍ଦ କରିଥିଲେ । କିନ୍ତୁ ନୋଟିଫିକେସନ ବାହାରିବା ସଙ୍ଗେ ସଙ୍ଗେ ହେଉ କିମ୍ବା ପୂର୍ବରୁ ସ୍କୁଲ କିଛି ବନ୍ଦ ହୋଇଯାଇଛି, ଯାହା ଦ୍ୱାରା ସବୁଠାରୁ କ୍ଷତି ସହିଛନ୍ତି, ଜନଜାତି ସଂପ୍ରଦାୟର, ଯେଉଁମାନଙ୍କର କଥା ଶୁଣାଯାଉନାହିଁ, କିମ୍ବା ଯେଉଁମାନଙ୍କ କହିବା ପାଇଁ ସ୍ୱର ନାହିଁ, କିମ୍ବା ଯେଉଁମାନେ କାହାପାଖରେ ହାତ ପକେଇବା ପାଇଁ ଚାହୁଁନାହାନ୍ତି !

ଗତ କିଛିବର୍ଷ ଧରି ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ହେବାରେ ଲାଗିଛି । ସରକାରଙ୍କର ତରଫରୁ ୧୦ଟିରୁ କମ୍ ଶିଶୁ ଥିବା ବିଦ୍ୟାଳୟ, ୧୫ରୁ କମ୍ ଶିଶୁ ଥିବା ବିଦ୍ୟାଳୟ ଏବଂ ବର୍ତ୍ତମାନ ୨୦ରୁ କମ୍ ଶିଶୁ ଥିବା ବିଦ୍ୟାଳୟକୁ ବନ୍ଦ କରିବା ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ତର୍କବିତର୍କ ଲାଗି ରହିଛି । କିଛି ମାତ୍ରାରେ ସ୍କୁଲ ବନ୍ଦ ମଧ୍ୟ ହୋଇଛି । ନିକଟରେ କେତୋଟି ସ୍କୁଲ ବନ୍ଦ ହୋଇଥିବା ଏବଂ ସ୍କୁଲ ମିଶ୍ରଣ ହୋଇଥିବା ସ୍କୁଲଗୁଡ଼ିକର ଗ୍ରାମରେ କିପରି ସ୍କୁଲ ବନ୍ଦ ହେଲା, ଏହି ବିଦ୍ୟାଳୟଗୁଡ଼ିକର ଭୌଗୋଳିକ ସ୍ଥିତି, କେଉଁ କାରଣରୁ ବନ୍ଦ ହେଲା, ଏହି ସବୁକୁ ନେଇ ବିଭିନ୍ନ ବର୍ଗଙ୍କ ସହ ଆଲୋଚନା କରୁଥିଲି । ଏହି ସବୁ ବିଦ୍ୟାଳୟ ଥିଲା ଆଦିବାସୀ ଅଧ୍ୟୁଷିତ ଅଂଚଳର । ଏଥିରୁ ମୁଁ ଦେଖୁଥିଲି ଯେ, ଯେଉଁ ଗ୍ରାମବାସୀ ବା ଗୋଷ୍ଠୀ ବିଦ୍ୟାଳୟ ବିଦ୍ୟାଳୟ ବନ୍ଦ କରବା ନଷ୍ପତ୍ତି ବିରୋଧ କରିଛନ୍ତି, କିମ୍ବା ବିଦ୍ୟାଳୟ ବନ୍ଦ ନହେବା ପାଇଁ ପଦକ୍ଷେପ ନେଇଛନ୍ତି କିମ୍ବା କୌଣସି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି, ସେଠାରେ ବିଦ୍ୟାଳୟ ଚାଲୁ ରହିଛି । କିନ୍ତୁ ଯେଉଁଠି ଗ୍ରାମବାସୀଙ୍କର କିଛି ଦରଖାସ୍ତ କରିନାହାନ୍ତି, କିମ୍ବା ଗ୍ରାମବାସୀ ମତ ଦେବା ନିମନ୍ତେ ସକ୍ଷମ ନାହାନ୍ତି, ସେଠାରେ ସ୍କୁଲ ବନ୍ଦ ହୋଇଯାଇଛି !

ସବୁଠାରୁ ବଡ଼ କଥା ହେଲା, ଯେଉଁଠି ଉପାନ୍ତ ଅଂଚଳରେ ସ୍କୁଲ ରହିଛି, ଗ୍ରାମକୁ ଯିବା ଆସିବା ପାଇଁ ବିଶେଷ ଭାବରେ ସୁବିଧାଜନକ ଗମନାଗମନ ବ୍ୟବସ୍ଥା ନାହିଁ, ଇଣ୍ଟରନେଟ୍ ବ୍ୟବସ୍ଥା ନାହିଁ, ଶିକ୍ଷକଙ୍କ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ପୂର୍ବରୁ ବିଦ୍ୟାଳୟ ନିୟମିତ ଭାବରେ ଚାଲୁନାହିଁ ବା ଶିଶୁମାନଙ୍କର ଶିକ୍ଷଣ ବ୍ୟବସ୍ଥାରେ ବିଶେଷ ଭଲ ନାହିଁ, ସେଠାରେ ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଯାଇଛି । ଯେଉଁଠି ଅପହଞ୍ଚ ଅଂଚଳ ହୋଇଛି, ଜନଜାତି ବହୁଳ ଅଂଚଳ, ଯେଉଁଠି ପ୍ରଶାସନ ପହଂଚିବା କଷ୍ଟକର ସେଠାକାର ସ୍କୁଲ ବନ୍ଦ ହୋଇଯାଇଛି ! ଗାଁ ମୁଣ୍ଡରେ ଗତ କିଛିବର୍ଷ ମଧ୍ୟରେ ବିଦ୍ୟାଳୟଗୁଡ଼ିକ ଖୋଲାଯାଇଥିଲା, ସେଗୁଡ଼ିକ ଅନେକ ମାତ୍ରାରେ ବନ୍ଦ ହେବାକୁ ବସିଛି କିମ୍ବା ବନ୍ଦ ହୋଇଛି । କିଛି ବିଦ୍ୟାଳୟ ରହିଛି, ଯେଉଁ ବିଦ୍ୟାଳୟ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ଚାଲୁଥିଲା, ସେହିଭଳି ବିଦ୍ୟାଳୟ ମଧ୍ୟ ବନ୍ଦ ହୋଇଯାଇଛି ।

ସ୍କୁଲ ବନ୍ଦ ହେବା ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରିଥିଲି ବିଦ୍ୟାଳୟ ରହିବାକୁ ଚାହୁଁଛ ନା ନାହିଁ ! ଗ୍ରାମବାସୀ ମତ ଆସିଥିଲା, କୌଣସି ଗ୍ରାମବାସୀ ସ୍କୁଲ ବନ୍ଦ ସପକ୍ଷରେ ନାହାନ୍ତି ! ବହୁବର୍ଷ ଧରି ସ୍କୁଲଗ୍ରାମ ଗୁଡ଼ିକରେ ଚାଲିଥିଲା । ପୂର୍ବରୁ ସ୍କୁଲ ଘର ନଥିଲେ ମଧ୍ୟ ମଝି ମଝିରେ ମାଷ୍ଟର ଆସି ଗାଁ ପିଣ୍ଡାରେ ପାଠ ପଢ଼ାଉଥିଲେ । ସ୍କୁଲ ଘର ତିଆରି ହେଲା, ସ୍କୁଲ ଚାଲିଲା । କିନ୍ତୁ ପିଲାମାନଙ୍କର ପାଠପଢ଼ା ଆଶାଜନକ ହେଲା ନାହିଁ । ମାଷ୍ଟର ଭଲ ଭାବରେ ଘଣ୍ଟାଏ ପଢ଼ାଉନଥିଲି । ସ୍କୁଲ ବନ୍ଦ ହୋଇଗଲା । ଆମେ ଅଭିଯୋଗ କଲୁନାହିଁ ।" ଏହିଭଳି ସ୍କୁଲ ବନ୍ଦ ହୋଇଥିବା ଗ୍ରାମମାନଙ୍କର ପୁରୁଷମାନଙ୍କର ମତ ଆସିଥିଲା । କିନ୍ତୁ ମାଆମାନେ ହଠାତ୍ ସ୍କୁଲ ଉଠିଯିବାକୁ ଗ୍ରହଣ କରିପାରୁନଥିଲେ । ସ୍କୁଲ ବନ୍ଦ ହେବା ଦ୍ୱାରା ଅନେକ ସମୟରେ ବାଳିକାଙ୍କ ପାଠପଢ଼ାରେ ବନ୍ଦ ହେଉଛି ବୋଲି ପରୋକ୍ଷରେ ମାଆମାନେ ମତ ଦେଇଥିଲେ ।

ଗୋଟିଏ ବିଦ୍ୟାଳୟ ବନ୍ଦ ହୋଇଥିବା ଅନ୍ୱେଷଣରେ ଯିବା ବେଳେ ଗ୍ରାମବାସୀଙ୍କ ଆଲୋଚନା କଲାବେଳେ ଗ୍ରାମବାସୀ ମତ ଦେଉଥିଲେ, ଆଜ୍ଞା ମାଷ୍ଟରକୁ ଦୋଷ ଦେବା ଠିକ୍ ହେବ ନାହିଁ ! ମାଷ୍ଟର ଆସୁଥିଲା, ପିଲା ତିନିଚାରିଜଣ ଯାଉଥିଲେ । ପିଲାମାନେ ସ୍କୁଲ ଗଲାବେଳେ ମାଷ୍ଟର ନଥିଲେ । ଏହିଭଳି ଲୁଚକାଳି ଦ୍ୱାରା ଆମର ସ୍କୁଲ ବନ୍ଦ ହେଲା । ପିତାମାତା କ୍ଷେତକୁ ଚାଲିଯାଉଥିଲେ । ପିତାମାତା ଗଲା ପରେ ପିଲାମାନେ ଗାଇଗୋରୁ ଚରେଇବା ପାଇଁ ପଳେଇ ଯାଉଥିଲେ । ମାଷ୍ଟର କେବେକେବେ ଆସେ, ସେତେବେଳେ ଗାଁରେ ଚାରି ଛଅଜଣ ପିଲାମାନେ ଥିବେ । ସ୍କୁଲକୁ ଯିବେ । ସ୍କୁଲକୁ ନିୟମିତ ଭାବରେ ଶିକ୍ଷକ ନଆସିବା ଦ୍ୱାରା ଏହିଭଳି ସମସ୍ୟା ସୃଷ୍ଟି ହେଉଥିଲା ।

ବିଦ୍ୟାଳୟ ଶିକ୍ଷାରେ ତାରତମ୍ୟତା ରହୁଛି । ଅନେକ ଶିଶୁ ଆଶ୍ରମ ସ୍କୁଲରେ ପଢ଼ିବା ପାଇଁ ଚାହୁଁଛନ୍ତି । ପିତାମାତା ମଧ୍ୟ ଚାହୁଛନ୍ତି କିନ୍ତୁ ପଞ୍ଚମ ପରେ ପଢ଼ିଲେ ଭଲ ହେବ ବୋଲି କହୁଛନ୍ତି । ଗ୍ରାମରେ ଥିବା ସ୍କୁଲଗୁଡ଼ିକର ପାଠପଢ଼ା ଉପରେ ସନ୍ଦିହାନ ରହୁଛନ୍ତି । ନିଜ ନିଜ ଶିଶୁମାନେ କେଉଁ ଶ୍ରେଣୀରେ ପଢ଼ୁଛନ୍ତି, ଅନେକ ସମୟରେ ସେ ସମ୍ପର୍କରେ ମଧ୍ୟ ସନ୍ଦେହରେ ରହୁଛନ୍ତି ।

ବିଦ୍ୟାଳୟ ବନ୍ଦ ହେବା ନିଷ୍ପତ୍ତି କିପରି ନିଆଯାଇଥିଲା, ସେ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିଲି । ମତ ଥିଲା, ସରକାର ସ୍କୁଲ ଉଠେଇଦେଲେ ବୋଲି ନିଷ୍ପତ୍ତି ନେଲେ, ଆମେ କ'ଣ କରିବୁ ! ମୁଁ ପଚାରିଥିଲି, ତୁମେ ଅଭିଯୋଗ ଲେଖିଥିଲ କି ? ସେମାନେ କହିଥିଲେ ଅଭିଯୋଗ ଲେଖିଥିଲୁ କିନ୍ତୁ କାହାକୁ ଦିଆଯାଇଛି, ଆମେ ଜାଣିନୁ । କଥା ହେଉଛି, ଯେଉଁଠି ସାମାଜିକ ଅନୁଷ୍ଠାନର କିଛି ପ୍ରଭାବ ରହିଛି, ସେଠାରେ ସ୍କୁଲ ବନ୍ଦ ହେବାକୁ ନେଇ କିଛି ବିରୋଧାଭାସ ଆସିଛି ।

ପିତାମାତା ମଧ୍ୟ ଅନେକ ସମୟରେ ବିଦ୍ୟାଳୟକୁ ନେଇ ସନ୍ଦେହରେ ପଡ଼ି ରହୁଛନ୍ତି । ଗାଁ ସ୍କୁଲଟି ଚାଲିବ କି ନଚାଲିବ, ସେ ସମ୍ପର୍କରେ ସବୁବେଳେ ସଂନ୍ଦେହରେ ରହୁଛନ୍ତି । ଅନେକ ସ୍କୁଲଗୁଡ଼ିକର ଯତ୍ନ ନେବା ପାଇଁ ଶିକ୍ଷକଙ୍କ ନିମନ୍ତେ ସମୟ ନାହିଁ, ସେହି ଦୃଷ୍ଟିରୁ ସ୍କୁଲର ପରିବେଶର ଉନ୍ନତି କରିବା ହେଉ କିମ୍ବା ଗତ ଦୁଇବର୍ଷ ମଧ୍ୟରେ ପରିବେଶର ସ୍ଥିତି ଖରାପ ହୋଇଛି । ଏହିଭଳି ସ୍ଥିତିକୁ ଦେଖିଲେ, ଗ୍ରାମର ଛାତ୍ରଛାତ୍ରୀ ମଧ୍ୟ ସେମାନଙ୍କର ପାଠପଢ଼ା ଉପରେ ସନ୍ଦିହାନ ହୋଇ ରହୁଛନ୍ତି । ଶିଶୁଟିଏ ବର୍ଷ ବର୍ଷ ଧରି ବିଦ୍ୟାଳୟକୁ ଗଲେ ମଧ୍ୟ ବିଶେଷ ଭାବରେ ଶିକ୍ଷଣ ଲାଭ କରିପାରୁନାହିଁ । ଗୋଟିଏ ଗ୍ରାମରେ କିଛିବର୍ଷ ଯାଇ ଡ୍ରପ ଆଉଟ୍ ହୋଇଥିବା ଶିଶୁମାନଙ୍କୁ ନିଜ ନାମ ଲେଖି ପାରୁନଥିଲେ ।

ପାଖାପାଖି ଦୁଇବର୍ଷ ହେଲା ସ୍କୁଲ ବନ୍ଦ ହୋଇ ରହିଛି । ଗ୍ରାମାଞ୍ଚଳରେ ବିଦ୍ୟାଳୟ ହିଁ ଥିଲା ଶିଖିବାର ମାଧ୍ୟମ । ବର୍ତ୍ତମାନ ପ୍ରାୟତଃ ୧୦ ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନେ ଦୁଇବର୍ଷ ହେଲା ଧରି ପିଲାମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଆଦ୍ୟ ପ୍ରାଥମିକ ଶିକ୍ଷାକୁ ନେଇ ପିତାମାତା ବେଶ୍ ଚିନ୍ତିତ । ଦେଢ଼ବର୍ଷ ହେଲା ସ୍କୁଲ ବନ୍ଦ ଅଛି, ପିଲା କ'ଣ ଘରେ ପାଠପଢ଼ିବେ କି ? ବୋଲି ପ୍ରଶ୍ନ କରନ୍ତି । ଗାଁ ସ୍ତରରେ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ, କିମ୍ବା ଗାଁରେ ପାଠୁଆ କେହି ଶିକ୍ଷାଦାନରେ ନାହାନ୍ତି ।

ସମୟ ଆସିଛି ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ । ଜନସାଧାରଣଙ୍କ ସ୍କୁଲ ଶିକ୍ଷା ପ୍ରତି ବିଶ୍ୱାସ ସୃଷ୍ଟି କରିବା ପାଇଁ । ଶିକ୍ଷାର ଏକ ବାତାବରଣ ସୃଷ୍ଟି କରିବା ପାଇଁ ପିଲା, ଗୋଷ୍ଠୀକୁ ନେଇ କିଛି ଗତିବିଧି କରିବା ପାଇଁ । ଆଞ୍ଚଳିକ ଭିତ୍ତିରେ ଶିଶୁ ଓ ଗୋଷ୍ଠୀକୁ ସୁହାଇଲା ଭଳି ଏହିଭଳି କିଛି ଗତିବିଧି କରିବାକୁ ପଡ଼ିବ, ଯାହାଦ୍ୱାରା କି ପୁଣିଥରେ ବିଦ୍ୟାଳୟକୁ ଫେରିପାରିବେ । ଯେଉଁ ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଛି, ସେଗୁଡ଼ିକର ପରିବେଶ ପ୍ରତି ଦୃଷ୍ଟି ଦେଇ କିମ୍ବା ଗ୍ରାମରେ ଥିବା ଗୋଷ୍ଠୀ ଘର ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରେ ଶିଶୁଙ୍କୁ ନେଇ କାର୍ଯ୍ୟକ୍ରମ କରିବାକୁ ପଡ଼ିବ, ଯାହାକି ଶିଶୁକୁ ପୁଣି ଥରେ ନିଜ ଉପରେ ପାଠପଢ଼ା ପ୍ରତି ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ । ଯେଉଁ ସ୍କୁଲଗୁଡ଼ିକ ବନ୍ଦ ହୋଇଛି, ସେହି ଗ୍ରାମର ଶିଶୁମାନେ କାହିଁକି ଅନ୍ୟ ବା ବାହାର ସ୍କୁଲରେ ପଢୁଛନ୍ତି, ପିତାମାତାଙ୍କ ଗାଁ ସ୍କୁଲ ପ୍ରତି କେତେ ବିଶ୍ୱାସ ରହିଛି, ବିଦ୍ୟାଳୟର ପରିବେଶ କିପରି ରହିଛି, ଶିକ୍ଷକ କେତେଦୂର ଗୋଷ୍ଠୀଙ୍କର ଶିଶୁମାନଙ୍କର ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି, ଏହିଭଳି ବିଭିନ୍ନ ଦିଗରୁ ଏବଂ ସ୍ୱତନ୍ତ୍ର ଭାବରେ ଜନଜାତିର ଶିଶୁଟିଏ ଯେପରି ଶିକ୍ଷାରୁ ବଂଚିତ ହେବନାହିଁ, ସେହି ଦୃଷ୍ଟିରୁ ଆଧାର କରି ସ୍କୁଲ ବନ୍ଦ ହେବାକୁ ନେଇ ପୁନଃ ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

***-ରାଣୀଗୁଡ଼ା, ରାୟଗଡ଼ା, ଦୂରଭାଷ: ୯୪୩୮୦୮୧୪୩୦***

# କର୍ମଯୋଗୀ ପ୍ରଦୀପ ମହାରଥୀ



ଦୁଇହଜାର କୋଡ଼ିଏ ମସିହା ଅକ୍ଟୋବର ୪ ତାରିଖଟି ଥିଲା ସାରା ଓଡ଼ିଶା ପାଇଁ, ପିପିଲି-ଡେଲାଙ୍ଗ ଅଞ୍ଚଳ ପାଇଁ ଓ ମହାରଥୀ ପରିବାର ପାଇଁ ଏକ କାଳରାତ୍ରୀ । ସେହି ରାତ୍ରିର ବିଳମ୍ବିତ ପ୍ରହରରେ 'ପ୍ରଦୀପ ମହାରଥୀ ଆଉ ନାହାନ୍ତି' ଖବରଟି ପ୍ରସାରିତ ହେବା ମାତ୍ରେ ଚଳହ ପଡ଼ିଗଲା ସାରା ରାଜ୍ୟରେ । କେହି ବି ସତ୍ୟ ବୋଲି ବିଶ୍ୱାସ କରିପାରିଲେନି ହୃଦୟ ବିଦାରକ ଏହି ଦୁଃଖଦ ଘଟଣାକୁ । କିନ୍ତୁ ନିଷ୍ଠୁର ହେଲେ ବି ଏହା ଥିଲା ସତ୍ୟ । ଉତ୍କଳ ଜନନୀର ବୀର ସନ୍ତାନ, ଚଷାପୁଅ, ମାଟିର ମଣିଷ, ଅପ୍ରତିଦ୍ୱନ୍ଦ୍ୱୀ ନେତା, ଅଜାତଶତ୍ରୁ ମହାରଣୀ ସତକୁ ସତ ଆମ ସମସ୍ତଙ୍କୁ ପର କରି ଚାଲି ଯାଇଛନ୍ତି ସେପାରିକୁ । ନୀରବି ଯାଇଛି ଭୁବନେଶ୍ୱର ବାସଭବନ । କାନ୍ଦୁଛନ୍ତି ଆତ୍ମୀୟସ୍ୱଜନ । କାନ୍ଦୁଛି ତାଙ୍କ ହୁଙ୍କେଇପୁର ଫାର୍ମ ହାଉସ୍ । ଗାଈ ଗୋରୁ, ଛେଳି ମେଣ୍ଢା, କୁକୁର, ବତକ, ହଂସ, ପାରା ଆଉ ତାଙ୍କର ଅତି ପ୍ରିୟ ଷଣ୍ଢ 'ରାମୁ', ସମସ୍ତଙ୍କ ଆଖିରେ ଲୁହ । କାନ୍ଦୁଛନ୍ତି ଦୁଃଖୀ ରଙ୍କି, ରୋଗୀ ଭୋକି, ଦିନ ମଜୁରିଆ, ଖଟିଖିଆଙ୍କଠୁ ଚାଷୀ ଭାଇଭଉଣୀମାନେ, ମା ମାଉସୀ ଯୁବକ ଯୁବତୀ ଆବାଳବୃଦ୍ଧବନିତା । କାନ୍ଦୁଛି ପିପିଲି ଡେଲାଙ୍ଗର ଗୋଡ଼ିମାଟି, ତରୁଲତା, ପାଣି, ପବନ, ଆକାଶ । ଏହିପରି ଜଣେ ଅସାଧାରଣ ରାଜନେତାଙ୍କ ଅବର୍ତ୍ତମାନରେ ଓଡ଼ିଆ ରାଜନୀତିରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ ।

ବୀରଭୋଗ୍ୟା ବସୁନ୍ଧରା । ବୀର ପରି ବଞ୍ଚିଥିଲେ । ପ୍ରଚଣ୍ଡ ସ୍ୱାଭିମାନୀ ପ୍ରଦୀପ ମହାରଥୀଙ୍କର ଜୀବନଶୈଳୀ ଥିଲା ସମ୍ପୂର୍ଣ୍ଣ ନିଆରା । ଦୁଃଖୀ, ଦଳିତ, ନିଷ୍ପେସିତର ବନ୍ଧୁ, ଗରିବର ସାଥୀ ଥିଲେ ମହାରଥୀ । କିଏ କହେ ବାଦ୍‌ଶାହା ପରି ବଞ୍ଚିଥିଲେ । ବିଦାୟ ବି ନେଲେ ବାଦଶାହା ପରି ।

କରୋନା ମହାମାରୀର କଟକଣା ସତ୍ତ୍ୱେ ତାଙ୍କ ଅନ୍ତିମ ଯାତ୍ରାରେ ଯୋଗ ଦେଇଥିଲେ ହଜାର ହଜାର ବ୍ୟକ୍ତି ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ, ସତେ କି ଏକ ବିରାଟ ଶୋକାକୁଳ ଜନସମୁଦ୍ର !! ଅନେକ ବର୍ଷ ତଳେ ବିଜୁବାବୁଙ୍କ ମହାଯାତ୍ରା ସମୟରେ ବି ଏମିତି ଏକ ବିଶାଳ ଶବ ଶୋଭାଯାତ୍ର ସମୟରେ ଠିକ୍ ଏମିତି ଏକ ବିଶାଳ ଶବ ଶୋଭାଯାତ୍ରା ଏ ଆଖି ଦେଖିଥିଲା, ଯାହା ଲମ୍ବି ଯାଇଥିଲା ଭୁବନେଶ୍ୱରରୁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ । ଏକ ଶୋକାକୁଳ ଜନସମୁଦ୍ର ରାସ୍ତାର ଦୁଇ ପାର୍ଶ୍ୱରେ ଅଶ୍ରୁଳ ନୟନରେ ଅନ୍ତିମ ବିଦାୟ ଜଣାଉଥିଲେ ସେମାନଙ୍କର ପ୍ରିୟ ମଣିଷଟିକୁ । ଆଜି ମଧ୍ୟ ଆଖି ଦେଖିଲା ଠିକ୍ ସେହିପରି ଆଉ ଏକ ମହାଯାତ୍ରା, ଠିକ୍ ସେମିତି ଆକୁଳତା, ସେମିତି ବ୍ୟାକୁଳତା, ଲୁହର ନଈ, ଏଇ ଦରଦୀ ମଣିଷଟି ପାଇଁ, ସାଧାରଣ ଜନତାର ନେତାଟି ପାଇଁ । ସମସ୍ତଙ୍କର ପ୍ରିୟ ପ୍ରଦୀପ ମହାରଥୀଙ୍କ ପାଇଁ ।

ପ୍ରଦୀପ ମହାରଥୀ ଥିଲେ ଜଣେ ଯୋଗଜନ୍ମା ପୁରୁଷ, ଜଣେ କର୍ମଯୋଗୀ । ଅହରହ ତାଙ୍କ ହାତଗଢ଼ା ଫାର୍ମ ହାଉସ୍ 'ହୁଙ୍କେଇପୁର'ରେ ନିଜକୁ ବ୍ୟସ୍ତ ରଖିବାକୁ ଭଲ ପାଆନ୍ତି । ମହାରଥୀ କେତେବେଳେ ତାଙ୍କ ଗୋଶାଳାରେ ଥିବା ଗାଈମାନଙ୍କୁ ଗାଧୋଇ ଦିଅନ୍ତି ତ କେବେକେବେ ମାଛଙ୍କୁ, ପାରାଙ୍କୁ ଦାନା ପକାଉଥାଆନ୍ତି । ମହାରଥୀ ତାଳି ମାରି ଡାକିଲେ ମାଛମାନେ ବି କୂଳକୁ ଆସିଥାଆନ୍ତି । ପାରା, ବତକ, ହଂସ ତାଙ୍କୁ ଦେଖିଦେଲା ମାତ୍ରେ ଶୁଟିଏ ତା ମା'କୁ ଦେଖି ଖୁସି ହେଲାଭଳି ଉଲ୍ଲସିତ ହୋଇ ତାଙ୍କ ପାଖକୁ ଚାଲିଆସନ୍ତି । ପାରାମାନେ ତାଙ୍କ ହାତରେ ବସି ଦାନା ଖାଇବାର ଦୃଶ୍ୟ ଅନେକ ଦେଖିଛନ୍ତି । ଥରେ ଦୁଇଟି ଛେଳି (ଗୋଟିଏ କଳା, ଗୋଟିଏ ଧଳା)ଙ୍କୁ ଜନ୍ମ ଦେଇ ମା'ଟି ମରିଯାଇଥିବାରୁ ମହାହରଥୀ ସେମାନଙ୍କୁ ବୋତଲରେ କ୍ଷୀର ପିଆଇ ବଞ୍ଚାଇ ରଖିବାରେ ସମର୍ଥ ହେଇଥିଲେ । ଖାଲି ମଣିଷର ନୁହେଁ, ପଶୁ, ପକ୍ଷୀ, ମତ୍ସ୍ୟ, ବୃକ୍ଷଲତା ସମସ୍ତଙ୍କର ସେ ଥିଲେ ଅନ୍ତରଙ୍ଗ ବନ୍ଧୁଟିଏ, କର୍ତ୍ତବ୍ୟନିଷ୍ଠ ସେବକଟିଏ ।

ଥରେ ଜଣେ ପ୍ରଶ୍ନ କଲେ ମହାରଥୀଙ୍କୁ, "ସାର୍, ଆପଣ ଘଣ୍ଟା ଘଣ୍ଟା ସମୟ ବିତାଇ ଦେଉଛନ୍ତି, ଫାର୍ମ ହାଉସ୍‌ରେ, ଧାନଚାଷ, ନଡ଼ିଆଚାଷ, ମାଛଚାଷ, ଦୁଗ୍ଧଚାଷ, ଫୁଲ ଓ ଫଳଚାଷରେ । କଣ ଲାଭପାଉଛନ୍ତି ସେଥିରୁ !!!" ଠୋଠୋ ହସିଥିଲେ ମହାରଥୀ । ଉତ୍ତର ରଖିଥିଲେ ସରଳ ଆଉ ସଂକ୍ଷିପ୍ତ । "ମୋ ନିଜ ଜମିରେ ଚାଷବାସ କରି ମୁଁ ଆନନ୍ଦ ପାଉଛି ଆନନ୍ଦ, ଯାହାର ମୂଲ୍ୟ ଆକଳନ କରିହୁଏ ନାହିଁ" । ପ୍ରତିକ୍ରିୟା ରଖିବାକୁ ପ୍ରଶ୍ନକର୍ତ୍ତାଙ୍କ ପାଖରେ ଶବ୍ଦ ନଥିଲା । 'ଆନନ୍ଦ' ନାମକ କ୍ଷୁଦ୍ର ଗଳ୍ପଟିରେ ସେ ପ୍ରକାଶ କରିଥିଲେ ମହାରଥୀଙ୍କ ସହ ହୋଇଥିବା ଏହି ବାର୍ତ୍ତାଳାପକୁ ନେଇ । ବାସ୍ତବିକ୍ ମହାରଥୀ ଖାଲି ଶବ୍ଦରେ ନୁହେଁ, କର୍ମରେ ଥିଲେ ମାଟିର ମଣିଷଟିଏ । ମାଟି ସହ ମାଟି ହୋଇ କର୍ମ କରୁକରୁ ଶୋଇପଡ଼ିଲେ ଅଚାନକ ଚିର ନିଦ୍ରାରେ ।

ସେ ଥିଲେ ଅନ୍ୟମାନଙ୍କ ପାଇଁ ବିଶେଷକରି ଚାଷୀମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ । କଥା କଥାକେ କହୁଥିଲେ, "ହାଟୁଆ ହୁଡ଼ିଲେ ହାଟ ପାଳିଏ, ଚାଷୀ ହୁଡ଼ିଲେ ବରଷେ", "ଚାଷ ତରତର, ବଣିଜ ମଠ", "ଚାଷ ଅଛି ଯାହାର, କି ଆନନ୍ଦ ତାହାର" ଇତ୍ୟାଦି ।

ରାଜନୀତିରେ ଥିଲା ଡେଲାଙ୍ଗ ପିପିଲି ତାଙ୍କ ସାଧନାର ପୀଠ, ମାତ୍ର ହୁଙ୍କେଇପୁର ମାଟି ଥିଲା ତାଙ୍କ ପୂଣ୍ୟକ୍ଷେତ୍ର ଯାହାକୁ ତାଙ୍କ ପିତା ୰ ଗୋକୂଳାନନ୍ଦ ମହାରଥୀ ତାଙ୍କ ହାତରେ ଅର୍ପଣ କରିଥିଲେ ଏହି ଉଦ୍ଦେଶ୍ୟରେ ଯେ ସହସ୍ର ହୁଙ୍କାରେ ପରିପୂର୍ଣ୍ଣ ଏକ ଘନ ଜଙ୍ଗଲ ପରି ପରିଦୃଶ୍ୟମାନ ଏହି ହୁଙ୍କେଇପୁର ଗଡ଼କୁ କେବଳ ତାଙ୍କର ଜ୍ୟେଷ୍ଠପୁତ୍ର 'ନଟୁ' ହିଁ ପରିଶ୍ରମ କରି କୃଷିକ୍ଷେତ୍ରରେ ପରିଣତ କରିଦେଇ ପାରିବ । ପିତାଙ୍କର ଏହି ଅଖଣ୍ଡ ବିଶ୍ୱାସକୁ ସେ ସତ୍ୟ ବୋଲି ପ୍ରମାଣିତ କରିଦେଲେ । ପ୍ରାୟ ପନ୍ଦର/କୋଡ଼ିଏ ବର୍ଷର ତୀବ୍ର ସାଧନା ଓ ଦୃଢ଼ ଇଚ୍ଛାଶକ୍ତି, ଏବଂ ଶ୍ରଦ୍ଧା ତାଙ୍କୁ ସଫଳତା ଆଣି ଦେଇଥିଲା । ପିତୃଦେବଙ୍କ ବିଶ୍ୱାସକୁ ଏବଂ ନିଜର ସ୍ୱପ୍ନକୁ ସାକାର କରି ହୁଙ୍କେଇପୁର ଫାର୍ମରେ ନିର୍ମାଣ କଲେ ସ୍ୱର୍ଗର ନନ୍ଦନକାନନ । ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ହୋଇ ହସି ଉଠିଲା ସେଇ ମାଟି । ସାରା ଓଡ଼ିଶାରେ ଚହଳ ପଡ଼ିଥିଲା ଯେଉଁଦିନ ଏହିଠାରେ ଦେଢ଼କିଲୋଗ୍ରାମ୍‌ର ପିଜୁଳି ଫଳିଥିବାର ଖବର 'ସମାଜ' କାଗଜରେ ପ୍ରକାଶିତ ହୋଇଥିଲା ।

ମହାରଥୀଙ୍କ ଦକ୍ଷତା ଓ ପାରଦର୍ଶିତା ରାଜ୍ୟ ରାଜନୀତିଠୁ ଆରମ୍ଭ କରି କୃଷି, ଶିକ୍ଷା, କଳା, ସଂସ୍କୃତି, କ୍ରୀଡ଼ା ଆଦି ଅନେକ କ୍ଷେତ୍ରରେ ପ୍ରତିଫଳିତ ହୋଇଥିଲା । ତାଙ୍କ ମହାପ୍ରୟାଣରେ ଓଡ଼ିଶାରେ ଯେଉଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା, ତାହା ଚିରଦିନ ଅପୂରଣୀୟ ହିଁ ରହିଯିବ । କାଳକାଳ ମନେ ରହିବେ ମହାରଥୀ ତାଙ୍କର ଅମର କୃତି ପାଇଁ ।

**ଡ. ପ୍ରତିଭା ମହାରଥୀ,** ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

# ସନାତନ ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ



ମନୁଷ୍ୟ ପାଇଁ ଅତ୍ୟନ୍ତ ହିତକର ଆଧ୍ୟାତ୍ମିକ ସାଧନାର ମାର୍ଗ ପ୍ରାଚୀନ ଭାରତର ମହାନ୍ ଗ୍ରନ୍ଥମାନଙ୍କରେ ସରଳ ଓ ମଧୁର ଭାବରେ ନିର୍ଦ୍ଧାରିତ ହୋଇଛି । ସେଗୁଡ଼ିକ ଏହି ବିଶ୍ୱରେ ଅନ୍ତର୍ନିହିତ ଦିବ୍ୟ ତତ୍ତ୍ୱକୁ ଆଦର୍ଶ ଓ ଉପଦେଶ ମାଧ୍ୟମରେ ବୁଝାନ୍ତି ଏବଂ ଭଗବାନଙ୍କ କୃତି ଓ ତାଙ୍କର ଅପରିମେୟ ଲୀଳାକୁ ଭୀତି ଓ ଶ୍ରଦ୍ଧାର ସହିତ ଚାହିଁବା ପାଇଁ ମାନବ ଜାତିକୁ ପ୍ରେରଣା ଦିଅନ୍ତି । ସେଗୁଡ଼ିକ ମନୁଷ୍ୟକୁ ସାଧୁମାନଙ୍କର ସୁଖ ସଙ୍ଗତିରେ ତ୍ୟାଗର ତୀର୍ଥଯାତ୍ରାରେ ଅଗ୍ରସର ହେବା ପାଇଁ ପ୍ରେରଣା ଦିଅନ୍ତି ଯଦ୍ୱାରା ଶରୀର ନଷ୍ଟ ହେବା ପୂର୍ବରୁ ନିତ୍ୟର ଦର୍ଶନ ଲାଭ କରିବାକୁ ହେବ ଓ ଚିରଦିନ ପାଇଁ ହୃଦୟରେ ମୁଦ୍ରିତ କରିହେବ । ତତ୍ (ତାହା) ଶବ୍ଦଟି ଏକ ଦୂରସ୍ଥ ବସ୍ତୁକୁ ସୂଚିତ କରେ । ଅର୍ଥାତ୍ ତୁମେ କୌଣସି ଦୂରସ୍ଥ ବସ୍ତୁକୁ ଦେଖାଉଛ । ତ୍ୱମ୍ ହେଲା ତୁମେ । ଏହା ତୁମ ନିଜର ନିକଟତମ । ତୁମେ ନିଜକୁ ସବୁଠାରୁ ବେଶି ଜାଣ; ବର୍ତ୍ତମାନ ତୁମକୁ ଯାହା ଜାଣିବାକୁ ହେବ ତାହା ହେଲା 'ତୁମେ' ଓ 'ତାହା' ଏକ । କେବଳ ଏକ ଅଛି, ଦୁଇ ନାହିଁ । ଏହାକୁ 'ବୁଦ୍ଧିଗ୍ରାହ୍ୟଂ ଅତୀନ୍ଦ୍ରିୟମ୍'; ବୋଲି କୁହାଯାଇଛି ବୁଦ୍ଧି ଦ୍ୱାରା ବୁଝି ହେବ, ସ୍ପର୍ଶ, ଶ୍ରୋତ୍ର, ଦର୍ଶନ, ସ୍ୱାଦ ଓ ଘ୍ରାଣ ଆଦି ଇନ୍ଦ୍ରିୟ ମାନଙ୍କ ଦ୍ୱାରା ନୁହେଁ । ଶ୍ରୀ ଭେଙ୍କଟେଶ୍ୱରଙ୍କୁ ସପ୍ତଗିରିର ପ୍ରଭୁ ବୋଲି କୁହାଯାଏ । ତାଙ୍କ ମନ୍ଦିର ସପ୍ତମ ଗିରିରେ ଅଛି ଏବଂ ତାଙ୍କ ପାଖରେ ପହଞ୍ଚିବା ପାଇଁ 'ଛ'ଟି ଗିରି ଅତିକ୍ରମ କରିବାକୁ ହେବ । ଏହା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ – ଷଡ଼ରିପୁର ପ୍ରତୀକ । ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ପୂର୍ବରୁ ଏହି ରିପୁମାନଙ୍କୁ ଅତିକ୍ରମ କରି ସେଗୁଡ଼ିକୁ ପଛରେ ଛାଡ଼ିଯିବାକୁ ହେବ । ଭକ୍ତିର ପୋଷାକ ଓ ବଚନ ସହିତ କିଛି ସମ୍ପର୍କ ନାହିଁ । କେବଳ ପୋଷାକ ଓ ଧର୍ମପରାୟଣତାର ଅଭିବ୍ୟକ୍ତିକୁ ଆଧାର କରି ଆମେ ଜଣେ ଲୋକକୁ 'ଭଗବାନଙ୍କର ଭକ୍ତ' ବୋଲି କହିପାରିବା ନାହିଁ । ଭକ୍ତି ବାହ୍ୟ ବ୍ୟବହାର ବା ଆଚରଣ ଅପେକ୍ଷା ଆନ୍ତରିକ ଚୈତନ୍ୟ, ଭାବନାର ବିଷୟ ଅଟେ । ଯେଉଁଠାରେ ଧୂଆଁ ଥାଏ, ସେଠାରେ ନିଆଁ ଥିବ ବୋଲି ଆମେ ଅନୁମାନ କରୁ । କିନ୍ତୁ କେତେକ ପ୍ରକାର ନିଆଁ ଅଛି ଯେଉଁଥିରୁ ଧୂଆଁ ବାହାରେ ନାହିଁ । ଯଦିଓ ଏପରି ଧୂଆଁ ନାହିଁ, ଯାହା ନିଆଁରୁ ନ ବାହାରେ । ଭାବନା ବିନା କାର୍ଯ୍ୟ କରାଯିବାର ସମ୍ଭାବନା ଅଛି; କିନ୍ତୁ ସବୁ ଭାବ ବାହ୍ୟ ପ୍ରଦର୍ଶନ ଦ୍ୱାରା ନିଶ୍ଚୟ ପ୍ରକଟ ହେବ ବୋଲି ତୁମେ କହିପାରିବ ନାହିଁ । ଏପରିକି ଜାକଜମକ ଓ ବାହ୍ୟ ପ୍ରଦର୍ଶନ ବିନା ଆନ୍ତରିକ ଭାବ ରହିବା ସମ୍ଭବ । ଶୁଦ୍ଧ ଭାବନା ହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଯଦି ଜଣେ ପ୍ରକୃତରେ ପ୍ରଗତି ପାଇଁ ଅଭିଳାଷ କରୁଥାଏ ତେବେ କେବଳ ଜାକଜମକପୂର୍ଣ୍ଣ ବାହ୍ୟ କାର୍ଯ୍ୟକଳାପ ପ୍ରଗତି ପାଇଁ ହାନିକାରକ ଅଟେ । ବେଦମାନଙ୍କରେ ସମଗ୍ର ବିଶ୍ୱକୁ ବିଷ୍ଣୁଙ୍କ ଶରୀର ଭାବରେ ଚିତ୍ରିତ କରାଯାଇଛି । ଆଉ ଭାରତ ହେଉଛି ବିଶ୍ୱର ଆଖି, କାରଣ ସମୟ ପ୍ରସଙ୍ଗରେ ତାର ବିଶ୍ୱ ଦୃଷ୍ଟି ସବୁଠାରୁ ଠିକ୍ । ପୁଅ ପରିବାରର ସମ୍ମାନ ରକ୍ଷା କରୁ ବୋଲି ମାତା ଚାହାନ୍ତି; ପୁଅ ମାତା ଓ ପିତାଙ୍କର ସୁନାମ ରକ୍ଷା କରିବା ଉଚିତ । ତେଣୁ ପ୍ରତ୍ୟେକ ଭାରତୀୟକୁ ଏହି ଦେଶର ଋଷିମାନେ ଅନ୍ୱେଷଣ ଓ ଆବିଷ୍କାର କରିଥିବା ଆଧ୍ୟାତ୍ମିକ ବିଜ୍ଞାନର ଶିକ୍ଷା ଓ ଅନୁଶୀଳନ କରିବାକୁ ହେବ । କିନ୍ତୁ ବିରୋଧୀ ଶକ୍ତି, ଅସତ୍ ସଙ୍ଗ, ଅଜ୍ଞ ପ୍ରଲୋଭନ ଯୋଗୁଁ ଭାରତୀୟମାନେ ଏହି ପ୍ରଧାନ କର୍ତ୍ତବ୍ୟରେ ଅବହେଳା କରିଛନ୍ତି । ସଂକ୍ରମଣ ଆସିଛି, ଏହା ଶରୀରରେ ସ୍ଥିର ହୋଇଯାଇଛି । ବର୍ତ୍ତମାନ ଏହାକୁ ବହିଷ୍କାର କରିବାକୁ ହେବ । ହିନ୍ଦୁ ଶବ୍ଦର ଅର୍ଥ ଯେଉଁମାନେ ହିଂସା ମାର୍ଗରୁ, ଅନ୍ୟମାନଙ୍କର କ୍ଷତି କରିବାରୁ ଦୂରରେ ରହନ୍ତି : ହିଂ (ହିଂସା), ଦୂ (ଦୂର) । ଭାରତରେ ଏତେ ମହାନ୍ ଭାବରେ ଆଦୃତ ଅଷ୍ଟାଦଶ ପୁରାଣର ସାରମର୍ମ ଶାସ୍ତ୍ରରେ କୁହାଯାଇଛି – 'ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍ ।' ଏହି ମାର୍ଗରେ ସ୍ଥିର ରହିଲେ ତୁମେ ସବୁ ଧର୍ମ ଓ ମତବାଦକୁ ଆତ୍ମୀୟସ୍ୱଜନ ଭାବରେ ସ୍ୱାଗତ କରିବ; ସବୁଧର୍ମ ମନୁଷ୍ୟକୁ ଏହି ମାର୍ଗରେ ପ୍ରଶିକ୍ଷିତ କରିବାକୁ ପ୍ରୟାସ କରନ୍ତି । ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ, ଇହୁଦୀ, ପାର୍ଶୀ, ସମସ୍ତେ ସତ୍‌କର୍ମ ଦ୍ୱାରା ଚିତ୍ତଶୁଦ୍ଧି ବଳରେ ସେହି ଜ୍ଞାନ ଲାଭ କରିବାକୁ ଆକାଂକ୍ଷା କରନ୍ତି । ଏସବୁର ବୀଜ ବେଦାନ୍ତର ସନାତନ ଧର୍ମରେ ଅଛି ।

**ସୁରେନ୍ଦ୍ରନାଥ ଭୂୟାଁ,** ପୂର୍ବତନ ଆବାହକ, ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୯୮୮୪୭୮୫




## ଓଡିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ



ଘଷିପୁରା: ଷିପୁରା ବ୍ଲକ ଅନ୍ତର୍ଗତ କଲ୍ୟାଣୀ ବିଦ୍ୟାପୀଠ ଗଡବାନ୍ଧଗୋଡା ଠାରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ଏକ ରକ୍ତାଦନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଗଣଶିକ୍ଷା ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇ ରକ୍ତଦାନ ଭଳି ଏକ ମହତ ଦାନରେ ଭାଗ ନେଇଥିବା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଓଡିଶା ମୋ ପରିବାରର ଜିଲ୍ଲା ସଂଯୋଜକ ପ୍ରଦୀବ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ଯୁବନେତା ଦେବାଶିଷ ପାତ୍ର, ବ୍ଲକ ସଭାପତି ମନ୍ମଥ କୁମାର ରାଉତ, ପୁରୁଣାବାନ୍ଧଗୋଡା ସରପଂଚ ପ୍ରଦୀପ ଧୀର, ତରୁଆଁ ସରପଂଚ ବଳରାମ ବେହେରା, ସୁଶାନ୍ତ କୁମାର ବିଶ୍ୱାଳଷ ସମାଜସେବୀ ପ୍ରଭାତ କୁମାର ବରାଳ, ମଦନ ମୋହନ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଶିବିରରୁ ୨୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ଚାକିରୀ ଛାଡିଦେବି କିନ୍ତୁ ଯୁବକସଙ୍ଘର ସମ୍ପାଦକ ରହିବି

କେନ୍ଦ୍ରାପଡ : ସରକାରୀ ଚାକିରୀ ତଥା ସର୍ତ୍ତାବଳୀ ଉଲ୍ଲଙ୍ଘନକୁ ନେଇ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଇନ ଅନୁମୋଦିତ ପଦକ୍ଷେପକୁ ନେଇ ସାରା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଥିବା ଜଣେ ସରକାରୀ ଚାକିରୀଆର ସରକାରଙ୍କ ପ୍ରତି ପ୍ରତିବଦ୍ଧତା ଓ ଅଙ୍ଗୀକାରବଦ୍ଧତାର ମୂଲ୍ୟ ଘରୋଇ ସଂସ୍ଥାର ପଦ ପଦବୀ ଠାରୁ ତୁଚ୍ଛ ଓ ବେନିୟମ । ମାତ୍ର ଏହି ମର୍ମରେ ଓଳାଭର ନୋଡାଲ ହାଇସ୍କୁଲର ପିଅନ ଶ୍ରୀନିବାସ ଓଝାଙ୍କୁ ଯୁବକ ସଙ୍ଘ ସମ୍ପାଦକ ପଦବିରୁ ତୁରନ୍ତ ଇସ୍ତଫା ଦେବାର ନିର୍ଦ୍ଦେଶ ଥିବା ବେଳେ ପ୍ରଧାନ ଶିକ୍ଷକ ତୁରନ୍ତ ତାହା କାର୍ଯ୍ୟକାରୀ କରାଇ ସଂପୃକ୍ତ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଅବଗତ ପରେ ମଧ୍ୟ ସେ ଇସ୍ତଫା ଦେଇନଥିବା ଆଶ୍ଚର୍ଯ୍ୟ ଚକିତ କରିଛି ।

## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ମୋ ସ୍କୁଲ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟର ରୂପାନ୍ତରୀକରଣ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଯୋଗଦାନ ଜରୁରୀ



ଭୁବନେଶ୍ୱର: ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ପଠାଣି ରାଉତ ସୋମବାର ଅପରାହ୍ଣରେ ସ୍ଥାନୀୟ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ପରିପ୍ରେକ୍ଷୀରେ ଶ୍ରୀ ରାଉତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନଳିନୀ ପ୍ରଭା ଦାଶ ଓ କ୍ରୀଡା ପ୍ରଶିକ୍ଷକ ଶ୍ରୀ ଶରତ କୁମାର ବସନ୍ତରାୟଙ୍କ ସହିତ ବିଦ୍ୟାଳୟର ସମସ୍ୟା ନେଇ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏହି ସ୍କୁଲକୁ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଅଧିକ ସୁବିଧା ମିଳିପାରିବ ଏବଂ ଏ ଦିଗରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କ ସହଯୋଗର ଆବଶ୍ୟକତା ସଂପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ । ସଂପ୍ରତି ଡି.ଆଇ.ପି.ଆର .ଓ ଶ୍ରୀ ରାଉତ ଏହି ସ୍କୁଲର ପୁରାତନ ଛାତ୍ର ଅଟନ୍ତି । ଏହି ସରକାରୀ ଉଚ୍ଚ ବିଦ୍ୟାଳୟଟି ୫୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଏହି ସ୍କୁଲରୁ ବହୁ ମେଧାବୀ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇ ସମାଜର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଅଛନ୍ତି । ଏବେ ଏହି ସ୍କୁଲରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନରତ । 'ମୋ ସ୍କୁଲ' କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ଗସ୍ତ ସମୟରେ ଶ୍ରୀ ରାଉତ, ବିଦ୍ୟାଳୟ କ୍ୟାମ୍ପସରେ ପାଣି ଜମି ରହୁଥିବା ଏହାର ଉଚ୍ଚତା ବୃଦ୍ଧିର ଆବଶ୍ୟକତା, ଛାତ୍ରଛାତୀଙ୍କ ସୁବିଧା ପାଇଁ ସାଇକେଲ ସେଡର ବ୍ୟବସ୍ଥା, ଶ୍ରେଣୀ ପ୍ରକୋଷ୍ଠଗୁଡିକର ଆଧୁନିକୀକରଣର ଆବଶ୍ୟକତା ଆଦି ସଂପର୍କରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ଅବଗତ ହେବା ସହିତ ନିଜେ ଅସୁବିଧା ଉପଲବ୍ଧି କରିଥିଲେ ।

## ଗାନ୍ଧୀଙ୍କର ଜୀବନ ଓ ଦର୍ଶନ ଉପରେ ଆନ୍ତର୍ଜାତିକ ଆଭାସୀ ଆଲୋଚନାଚକ୍ର



ନିଉୟର୍କ, ଟରୋଣ୍ଟୋ, ଲଣ୍ଡନ, ଦୁବାଇ, ସିଙ୍ଗାପୁର, ମସ୍କୋ, ସେଓଲ, କାନବେରା, ଭୁବନେଶ୍ୱର, କଟକ, ୩।୧୦ : ମହାତ୍ମା ଗାନ୍ଧୀଙ୍କର ନୀତି ଓ ଆଦର୍ଶର ସୁଦୂର ପ୍ରସାରୀ ପ୍ରଭାବ ଓ ଅଚଳାଚଳ ପ୍ରାସଙ୍ଗିକତା ସାମ୍ପ୍ରତିକ ଦୁନିଆରେ ମଧ୍ୟ ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଥିବା ବିଶ୍ୱ ଓଡ଼ିଆମାନେ ଏକ ସ୍ୱରରେ ସ୍ୱୀକାର କରିଛନ୍ତି । ଓଡ଼ିଶା ସରକାରଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଶ୍ୱ ଓଡ଼ିଶା ସମାଜର ମିଳିତ ସହଯୋଗରେ ଆୟୋଜିତ ଏକ ଆନ୍ତର୍ଜାତିକ ଆଭାସି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ବରେଣ୍ୟ ବକ୍ତାମାନେ ମହାତ୍ମାଙ୍କର ମୂଳ ଓ ମୁଖ୍ୟ ମନ୍ତ୍ର ଶାନ୍ତି ଏବଂ ଅହିଂସା ଏବେ ବି ସାରା ବିଶ୍ୱବାସୀଙ୍କୁ ଅଭିଭୂତ କରିବାରେ ଲାଗିଥିବା ଉଲ୍ଲେଖ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଶ୍ୱ ଓଡ଼ିଶା ସମାଜର ସଦସ୍ୟଗଣ, ବହୁ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଓ ବିଭିନ୍ନ ଦେଶର ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ୧୫୨ତମ ପବିତ୍ର ଗାନ୍ଧୀ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଅକ୍ଟୋବର ଏକ ତାରିଖ ମଧ୍ୟ ରାତ୍ରରେ ଗାନ୍ଧିଜୀଙ୍କର ଜୀବନ ଓ ଦର୍ଶନ ଉପରେ ଅନୁଷ୍ଠିତ 'ଗାନ୍ଧୀ ଚର୍ଚ୍ଚା' ଶୀର୍ଷକ ଏହି ଭିଡିଓ କନ୍‌ଫରେନ୍ସିଂ ବିଚାର ଗୋଷ୍ଠୀରେ ଯୋଗଦେଇ ରାଷ୍ଟ୍ର ପିତାଙ୍କ ପ୍ରତି ଭାବବିହ୍ୱଳ ଏବଂ ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସାରା ପୃଥିବୀର କୋଣଅନୁକୋଣରୁ ଏହି ୱେବ୍ ବୈଠକରେ ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଗାନ୍ଧୀ ପ୍ରେମୀ ବ୍ୟକ୍ତିବିଶେଷ ସାମିଲ ହୋଇଥିବାବେଳେ ସାମାଜିକ ଗଣମାଧ୍ୟମ ନେଟ୍‌ୱାର୍କଗୁଡ଼ିକ ଜରିଆରେ ସହସ୍ରାଧୀକ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଦେଖିଥିବା ଲକ୍ଷ କରାଯାଇଥିଲା । ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରି ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ, ଗାନ୍ଧିଜୀ ଜଣେ ସାଧାରଣ ମଣିଷ ନୁହଁ, ମସ୍ତବଡ଼ ଅନୁଷ୍ଠାନ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱାଗତିକ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ବୈଠକରେ ବ୍ୟାପକ ସଂଖ୍ୟାରେ ପ୍ରବାସୀ ଓଡ଼ିଆମାନେ ଉପସ୍ଥିତ ଥିବା ନେଇ ଆନନ୍ଦ ପ୍ରକାଶ କରିଥିଲେ ।ଦୀର୍ଘ ୬ଘଣ୍ଟା ଧରି ଚାଲିଥିବା ଏହି ମାନସ ମନ୍ଥନ ଲାଇଭ୍ ଷ୍ଟ୍ରିମିଂ ଅଧିବେଶନକୁ ଉଦ୍‌ଘାଟନ କରି ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଗାନ୍ଧିଜୀ ଅହିଂସାକୁ ମୁକ୍ତି ସଂଗ୍ରାମର ଅମୋଘ ଅସ୍ତ୍ର ଭାବେ ସାବ୍ୟସ୍ତ କରି ସାରା ବିଶ୍ୱକୁ ଯେଉଁ ଶକ୍ତ ବାର୍ତ୍ତା ପ୍ରେରଣ କରିଥିଲେ ତାହା ଏବେ ବି ସଠିକ ପ୍ରମାଣିତ ହେଉଥିବା ଦର୍ଶାଇଥିଲେ । ତାଙ୍କର ବିରଳ ଦେଶ ଭକ୍ତି, ସଂଗ୍ରାମ, ସେବା, ତ୍ୟାଗ ଏବଂ ବଳିଦାନ ସମଗ୍ର ମାନବ ଜାତି ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥିବବୋଲି ମନ୍ତ୍ରୀ ସୂଚାଇଥିଲେ । ସଭାରେ ପୌରହିତ୍ୟ କରି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡଃ ହୃଷୀକେଶ ମଲ୍ଲିକ, ଗାନ୍ଧୀଙ୍କର ପ୍ରେରଣାଦାୟୀ ଶକ୍ତି ଅସୀମ ଥିଲା ବୋଲି ପ୍ରକାଶ କରିଥିଲେ । ମୁଠେ ଲୁଣ ଉଠାଇ ଦେଇ ସେ ସାରା ଦୁନିଆକୁ ଦେହଲାଇ ଦେଇପାରିଥିଲେ ବୋଲି ଡଃ ମଲ୍ଲିକ ଦର୍ଶାଇଥିଲେ । ଆମେ ଯଦି ଆଜି ଭାରତୀୟ ବୋଲି କହି ଗର୍ବ ଅନୁଭବ କରୁଛେ, ତେବେ ତା'ର ସମ୍ପୂର୍ଣ୍ଣ ଶ୍ରେୟ ମହାତ୍ମା ଗାନ୍ଧୀଙ୍କୁ ହିଁ ଯିବ ବୋଲି ମୁଖ୍ୟ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ କହିଥିଲେ । ଗାନ୍ଧୀ ଜଣେ ବିସ୍ମୟ ମାନବ ଥିଲେ ବୋଲି ଦର୍ଶାଇ ସମ୍ମାନନୀୟ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ତାଙ୍କ ଦ୍ୱାରା ପ୍ରଦର୍ଶିତ ଆଦର୍ଶଗୁଡ଼ିକୁ ଅନୁକରଣ କଲେ, ଏହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉଲ୍ଲେଖ କରିଥିଲେ । ଉତ୍ସବରେ ଉଦ୍‌ବୋଧନ ଦେଇ ସମ୍ମାନିତ ବକ୍ତା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ହରିଜନ ସେବକ ସଂଘର ସଭାପତି ଶଙ୍କର କୁମାର ସାନ୍ୟାଲ ସାମାଜିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଜୀବନଧାରଣର ସମସ୍ତ କ୍ଷେତ୍ରରେ ତଥା ଶାନ୍ତିପୂର୍ଣ୍ଣ ଅବସ୍ଥାନ, ଅନ୍ତୋଦୟ ଅଭିବୃଦ୍ଧି ଏବଂ ସର୍ବାଙ୍ଗୀନ ପ୍ରଗତି ବାବଦରେ ଗାନ୍ଧୀଙ୍କର ସ୍ପଷ୍ଟ ନୀତି ଓ ନିର୍ଦ୍ଦେଶ ରହିଥିବା ଦର୍ଶାଇଥିଲେ । ଗାନ୍ଧୀଙ୍କର କର୍ମମୟ ସମର୍ପିତ ସାଧନା, ତାଙ୍କୁ ଜଣେ ସାଧାରଣ ମଣିଷରୁ ବିଶ୍ୱବନ୍ଦିତ ମହାତ୍ମାରେ ପରିଣତ କରିଥିଲା ବୋଲି ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀ ସୂଚାଇଥିଲେ । ସ୍ୱାଧୀନ ଓ ସ୍ୱାବଲମ୍ବୀ ଭାରତର ନବନିର୍ମାଣର ନିଅଁ ମଧୁସୂଦନ ଦାସ ଏବଂ ଗୋପବନ୍ଧୁ ଦାସଙ୍କର ଦର୍ଶନ ଉପରେ ଆଧାରିତ କରିବାକୁ ଗାନ୍ଧିଜୀ ଚାହୁଁଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡଃ ସଂଗ୍ରାମ ଜେନା ତାଙ୍କର ସମାପନ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ।ଆବୁଧାବୀ ଓଡ଼ିଶା ସମାଜର ସଭାପତି ପ୍ରଦୀପ କୁମାର ରଥ, ଗାନ୍ଧିଜୀ ସତ୍ୟ, ଅହିଂସା, ସର୍ବୋଦୟ, ସ୍ୱରାଜ ଏବଂ ସ୍ପଷ୍ଟବାଦୀତାର ପୂଜାରୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଦୀପକ ଷଡ଼ଙ୍ଗୀ ଗୀଟାର ଯୋଗେ ରାମଧୂନ ଏବଂ ଉଦୀୟମାନ କଳାକାର ଜାଆଁଳା ଭ୍ରାତା ଓମ୍ ଓ ସାଇ ମହାପାତ୍ର ଦାସକାଠିଆ ପରିବେଷଣ କରି ଦର୍ଶକମାନଙ୍କୁ ଚମକୃତ କରିଦେଇଥିଲେ । ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ଡଃ ନଳିନୀ ପତି ଧନ୍ୟବାଦ ଅର୍ପଣ କରିଥିଲେ । ସୁଦକ୍ଷ ଉପସ୍ଥାପକ ଡଃ ଦେବାଶିଷ ମହାପାତ୍ର ଏବଂ ସ୍ନେହଲତା ପୃଷ୍ଟି ସମଗ୍ର ସଭା କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଞ୍ଚାଳନା କରିଥିଲେ । ନନ୍ଦନ ଦ୍ୱିବେଦୀ ଡିଜିଟାଲ ନିୟନ୍ତ୍ରଣ କକ୍ଷକୁ ସଫଳତାର ସହିତ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡଃ ମନୋରମା ମହାପାତ୍ର ଓ ଦୁଇ ପ୍ରାକ୍ତନ ସଚିବ ଇନ୍ଦୁ ଭୂଷଣ କର ଏବଂ ପ୍ରଫେସର ରାଜ କିଶୋର ମିଶ୍ରଙ୍କର ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଜାତିର ଜନକଙ୍କୁ ମଧ୍ୟରାତ୍ରରେ କବିତା ଆବୃତ୍ତି ଓ ଭାଷଣ ମାଧ୍ୟମରେ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଅନ୍ୟାନ୍ୟ ମହାନୁଭବମାନଙ୍କ ମଧ୍ୟରେ ସିଙ୍ଗାପୁରରୁ ବନୋଜିନୀ ନାୟକ, ଦୁବାଇରୁ ଅମୀୟ ମିଶ୍ର, ନେଦରଲାଣ୍ଡରୁ ସାଶ୍ୱତ ପାଢ଼ୀ, ଲଣ୍ଡନରୁ ଜୟଶ୍ରୀ ନନ୍ଦ, ମସ୍କୋରୁ ସନ୍ତୋଷ ମିଶ୍ର, ଟରୋଣ୍ଟୋରୁ ପ୍ରଶାନ୍ତ ଭୂୟାଁ, ମାଞ୍ଚେଷ୍ଟରରୁ ଶିବ ରଞ୍ଜନ ବିଶ୍ୱାଳ, ଡାଲାସରୁ ସଞ୍ଜୟ ଦଳାଇ, ନୂଆଦିଲ୍ଲୀରୁ ଡଃ ଅନୀତା ପଣ୍ଡା ଓ ବିନାୟକ ଦାସ, ଦେଓଘରରୁ କୃପାନିଧୀ ବିଶ୍ୱାଳ, ମୁମ୍ବାଇରୁ ଡଃ ବିଜୟ କୁମାର ମହାରଣା, ଭୁବନେଶ୍ୱରରୁ ହରିଶ୍ଚନ୍ଦ୍ର ବେହେରା, ପ୍ରସନ୍ନ କୁମାର ସ୍ୱାଇଁ, ହୃଷୀକେଶ ପାତ୍ର, କଟକରୁ ପ୍ରବୋଧ ରାଉତ ଏବଂ ଡଃ ଅରୁନ୍ଧତୀ ଦେବୀ ଓ ଭଦ୍ରକରୁ ସତ୍ୟବ୍ରତ ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅଶୋକ କୁମାର ମହାପାତ୍ର, ଜର୍ମାନୀରୁ ପ୍ରଖ୍ୟାତ ସାହିତ୍ୟିକ ଡଃ. ରାଜେନ୍ଦ୍ର ନାରାୟଣ ଦାସ, ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ସୁନାମଧନ୍ୟ ଲେଖକ ଡଃ ଫନି ମହାନ୍ତି, ବେଙ୍ଗାଲୁରୁରୁ ନୀହାର ସାମନ୍ତରା, କୋଲକାତାରୁ ଅହଲ୍ୟା ଓ ପୀତାମ୍ବର ବାରିକ, ଶମ୍ଭୁନାଥ ଦାସ, ସୁରତରୁ ଜୟନ୍ତ ଗନ୍ତାୟତ, ଫରିଦାବାଦରୁ ଲିପ୍‌ସା ପଟ୍ଟନାୟକ ମହାନ୍ତି, ଇଣ୍ଡୋନେସିଆରୁ ଦେବର୍ଶୀ ମଲ୍ଲିକ୍, ରୋଡ୍‌ସ ଆଇଲ୍ୟାଣ୍ଡରୁ ଅକ୍ଷୟ ମହାନ୍ତି, ନିଉୟର୍କରୁ ଜୟସ୍ମିତା ମିଶ୍ର, ଘାନାରୁ ଉତ୍କଳ ସଂଘର ସଭାପତି ଦୀପକ ଦାସ, ଦୁବାଇରୁ ପ୍ରୀତିଶ ଦାଶ, ସେଓଲରୁ ଡଃ ଶିତାଂଶୁ ଶେଖର ନନ୍ଦ, ଆବୁଧାବିରୁ ସିଦ୍ଧାର୍ଥ ଦାସ, ସିଙ୍ଗାପୁରରୁ ଚିରଞ୍ଜୀବ ସ୍ୱାଇଁ, ନୂଆଦିଲ୍ଲୀରୁ ରବି ପାଣି, ରୀତା ପାତ୍ର, ଡଃ ଦେବେନ୍ଦ୍ର ମାଝୀ, ସନାତନ ମହାକୁଡ଼, ଡଃ. ଚନ୍ଦ୍ରମଣି ବ୍ରହ୍ମଦତ୍ତ, ଏମ୍.ଏସ୍, ଜମାନ, ଡଃ ମନୋଜ ପାଣିଗ୍ରାହୀ, ରମେଶ ସାହୁ, ସୁଜାତା ସିବେନ୍ ଓ ଜୟ ପ୍ରକାଶ ପାଣ୍ଡେ, ଝାଡ଼ଖଣ୍ଡରୁ ବିନୟ ପଟ୍ଟନାୟକ, ଗୁରୁଗ୍ରାମରୁ ଶ୍ରୀମନ୍ତ ବିଶ୍ୱାଳ, ଅହମ୍ମଦାବାଦରୁ ବଦ୍ରି ମହାପାତ୍ର, ଭୁବନେଶ୍ୱରରୁ ଡଃ ରବି ନାରାୟଣ ବେହେରା, କୂଳଦୀପ ରଥ, ଚିଦାତ୍ମିକା ଖଟୁଆ, ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକ, ମନୋଜ ନାୟକ, ପବିତ୍ର ମହାରଥା, ଡଃ ସ୍ୱାମୀ ଚିଦାନନ୍ଦ, ସୁନୀଲ କୁମାର ରାଉତ, ଭଗବାନ ପରିଡ଼ା, ବ୍ରହ୍ମପୁରରୁ ଡଃ ସାଗର ରଞ୍ଜନ ତ୍ରିପାଠୀ, ସମ୍ବଲପୁରରୁ ଲଳିତ କୁମାର ପ୍ରଧାନ, ବାଲେଶ୍ୱରରୁ ଶୁଭଶ୍ରୀ ଲେଙ୍କା ଏବଂ କଟକରୁ ଗୋପାଳକୃଷ୍ଣ ମହାପାତ୍ର ପ୍ରମୁଖ ସାମିଲ ଥିଲେ ।




## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ

## ଜୁରୁଡିଧରରେ ୧୮ତମ ଆଦିବାସୀ ହୋ ସମାଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବିଲେଇପଦା: ଯୋଡା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମ ପଂଚାୟତର ଜୁରୁଡିଧର ଗ୍ରାମରେ ୧୮ତମ ଆଦିବାସୀ ହୋ ସମାଜ ବାର୍ଷିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଫୁଟବଲ ଦଳ ଭାଗ ନେଇଥିବା ବେଳେ ଇସ୍ର -୨ ଫୁଟ୍‌ବଲ ଦଳ ଚାମ୍ପିଆନ ହୋଇଥିବା ବେଳେ ନିମାଇଁପୁକୁରୀ ଦଳ ରନର୍ସଅପ୍ ହୋଇଥିଲା । ଚମ୍ପିଆନ ଦଳକୁ ପ୍ରଥମ ପୁରସ୍କାର ଭାବେ ୧୦ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ ଦଳକୁ ୮ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଖେଳରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଡିଭିଜନର ଆଟିଓ କମିଶନ ଯୁଧିଷ୍ଠିର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଶୁକଲାଲ ହନହାଗା, ରମେଶ ଲାଗୁରୀ, ଗୁରୁଚରଣ ଲାଗୁରୀ (ଏକ୍ସ ଆର୍ମି) ପ୍ରମୁଖ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରିଚାଳକ ଭାବେ ଅନୁଷ୍ଠାନର ସଭାପତି ବଦ୍ରସେନ ଲାଗୁରୀ, ସମ୍ପାଦକ ସୁଜିତ ଲାଗୁରୀ, କୋଷାଧ୍ୟକ୍ଷ ରମେଶ ଲାଗୁରୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଫୁଟ୍‌ବଲ ଖେଳକୁ ଉପଭୋଗ କରିବା ପାଇଁ ଆଖପାଖ ଅଂଚଳରୁ ବହୁ ଫୁଟବଲ ଖେଳ ପ୍ରେମୀ ଯୋଗ ଦେଇଥିଲେ ।




## ଇ ଶ୍ରମ କାର୍ଡରେ ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖୋର୍ଦ୍ଧା: କେନ୍ଦ୍ର ସରକାର ଅସଂଗଠିତ ଶ୍ରମିକ ମାନଙ୍କର ଏକ ଡାଟା ବେସ ରଖି ସେମାନଙ୍କୁ ସରକାରୀ ସୁବିଧା ସୁଯୋଗ ଇ ଶ୍ରମ କାର୍ଡ ପ୍ରଚଳନ କରିଛନ୍ତି ।ଏଥିପାଇଁ ପ୍ରତ୍ୟେକ ଜନସେବା କେନ୍ଦ୍ରକୁ ୧୬ ଟଙ୍କାରୁ ୨୦ ଟଙ୍କା ପ୍ରାପ୍ୟ ସହ ବିନା ମୂଲ୍ୟରେ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ରହିଛି । ଏହାର ବ୍ୟତିକ୍ରମ କରି ଗୋଟିଏ କାର୍ଡ ପିଛା ୧ ଶହରୁ ୨ ଶହ ପର୍ଯ୍ୟନ୍ତ ଟଙ୍କା ନେଇ ମାଲେମାଲ ହେଉଛନ୍ତି । ସାଧାରଣ ଲୋକମାନେ କାର୍ଡଟି ହାତେଇବା ଅଶାରେ ଜାଣି ମଧ୍ୟ ନିରୂପାୟ ହୋଇ ଦିନ ହେଉ ଅବା ରାତ୍ରରେ ଡିଜିଟାଲ କେନ୍ଦ୍ର ଆଗରେ ଲମ୍ବା ଲାଇନ ଲଗାଉଛନ୍ତି ।ଏହି ଘଟଣାଟି ରାଜ୍ୟସାରା ବିଭିନ୍ନ ଅଂଚଳରେ ଘଟୁଥିବାରୁ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠିଛି । ଏ ନେଇ କେନ୍ଦ୍ରୀୟ ମାନବାଧିକାର ସୁରକ୍ଷା ସଙ୍ଗଠନର ଜିଲ୍ଲା ସଭାପତି ସୁକାନ୍ତ କୁମାର ପରିଡା ଜିଲ୍ଲାପାଳ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

## ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

ଭୁବନେଶ୍ୱର : ଭାରତୀୟ ରେଳବାଇ ପକ୍ଷରୁ କୋଭିଡ ପ୍ରୋଟୋକଲ ସହିତ ସେପ୍ଟେମ୍ବର୧୬ ରୁ ୩୦ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ଦେଶସାରା ପାଳନ କରାଯାଉଛି ।ଏଥିପାଇଁ ପୂର୍ବତଟ ରେଳପଥ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ କରି ରେଳ ଷ୍ଟେସନ ପରିସର, ଟ୍ରେନ, କାର୍ଯ୍ୟାଳୟ, ଓ୍ୱାର୍କଶପ, ମରାମତି ଡିପୋ, ରେଳବାଇ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାସସ୍ଥଳୀ ଅଂଚଳମାନଙ୍କରେ ପରିଚ୍ଛନ୍ନତା ପ୍ରତି ବ୍ୟାପକଭାବେ ସ୍ୱତନ୍ତ୍ର ଧ୍ୟାନ ଦେଉଛି । ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ରେଳ ଷ୍ଟେସନ ଏବଂ ଆବାସିକ ଅଂଚଳକୁ ପରିଷ୍କାର, ସ୍ୱାସ୍ଥ୍ୟପ୍ରଦ ରଖିବା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଗୁରୁବାର ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟ ଭୁବନେଶ୍ୱର ଠାରେ ରେଳପଥ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଅବସରରେ ଶପଥ ପାଠ କରାଇ ସ୍ୱଚ୍ଛତା ପ୍ରତି ଶ୍ରମଦାନ କରିବା ସହିତ ନିଜେ ଅଳିଆ ନଫିଙ୍ଗିବା କିମ୍ବା କାହାକୁ ଏହା ନକରିବା ପାଇଁ ପ୍ରବର୍ତାଇବା; ନିଜଠାରୁ, ନିଜ ପରିବାରରୁ, ନିଜ ଅଂଚଳରୁ ଏବଂ କାର୍ଯ୍ୟସ୍ଥଳରୁ ପରିଚ୍ଛନ୍ନତା ଆରମ୍ଭ କରିବା ସହିତ ଅନ୍ୟମାନଙ୍କୁ ଏଥିପ୍ରତି ପ୍ରବର୍ତାଇବାକୁ ଶପଥ ପାଠ କରାଇଥିଲେ ।

# ଅଜଣା ଗାଡି ଧକ୍କାରେ ୫ ଗୋରୁ ମୃତ୍ୟୁ




ଖୋର୍ଦ୍ଧା: ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ତରତୁଆ ଛକଠାରେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ୫ ଗୋଟି ଗୋରୁ ମୃତ୍ୟୁବରଣ କରିଛନ୍ତି ।ଆଜିସକାଳେ ଗୋରୁ ଗୁଡିକ ଏଣେ ତେଣେ ବିକ୍ଷିପ୍ତ ଅବସ୍ଥାରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ପଡି ରହିଥିବାର ଦେଖିବାକୁ ମିଳିଥିଲା। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାନବାହାନ ଗୁଡିକର ଘୋର ଅସୁବିଧାର ସମ୍ମୁଖିନ ହୋଇଥିଲେ ।ଏ ନେଇ ସ୍ଥାନୀୟ ଜନସାଧାରଣ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ଉତ୍କଳ ଶିବଶକ୍ତି ପୂଜକ ସଂଘ ପକ୍ଷରୁ ସ୍ୱଚ୍ଛଭାରତ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଚଣ୍ଡେଶ୍ୱର ଗ୍ରାମର କେଶର କ୍ଷେତ୍ରର ଶ୍ରୀଶ୍ରୀ ଚଣ୍ଡିହର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ଶିବଶକ୍ତି ପୂଜକ ସଂଘ ପକ୍ଷରୁ ସ୍ୱଚ୍ଛ ଭାରତ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଭାପତି ଲଳିତ ମହାପାତ୍ର, ଉପସଭାପତି ବାଉରୀ ବନ୍ଧୁ ରଣା, ସମ୍ପାଦକ ସଞ୍ଜୟ କୁମାର ମହାପାତ୍ର,ସହ ସମ୍ପାଦକ ସଂଗ୍ରାମ ରଣା ଓ ମୁଖପାତ୍ର ଜିତେନ୍ଦ୍ର ରଣାଙ୍କ ସମେତ ଗ୍ରାମର ବହୁ ଯୁବକମାନେ ଏକତ୍ରିତ ହୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ୧୨ ଯୋଡା ଟ୍ରେନ୍‌ର ଚଳାଚଳ ଅବଧି ବୃଦ୍ଧି

ଭୁବନେଶ୍ୱର: ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ଚଳାଚଳ କରୁଥିବା ଦୁଇ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ସେବାକୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଏବଂ ୧୦ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ସେବାକୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତି ହୋଇଛି । ସୂଚନା ଅନୁଯାୟୀ ପ୍ରତ୍ୟେକ ମଙ୍ଗଳବାର ଦିନ ହାଓଡ଼ାରୁ ଛାଡୁଥିବା ଏବଂ ଗୁରୁବାର ଦିନ ଯଶୋବନ୍ତପୁରରୁ ଛାଡୁଥିବା ୦୮୦୮୭/୦୮୦୮୮ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ଏସି ସ୍ୱେଶାଲ୍ ସେବା ହାଓଡ଼ା ଠାରୁ ୪ ଜାନୁଆରୀ୨୦୨୨ ଠାରୁ ଏବଂ ଯଶୋବନ୍ତପୁରରୁ ୦୬.୦୧.୨୦୨୨ ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ସେହିପରି ପ୍ରତ୍ୟକ ଶନିବାର ଦିନ ହାଓଡ଼ା ରୁ ଏବଂ ରବିବାର ଦିନ ତିରୁପତି ଠାରୁ ଛାଡୁଥିବା ୦୮୦୮୯/୦୮୦୯୦ ହାଓଡ଼ା-ତିରୁପତି-ହାଓଡ଼ା ଏସି ସ୍ୱେଶାଲ୍ ହାଓଡ଼ା ରୁ ୧୧ ସେପ୍ଟେମ୍ବର ୨୦୨୧ ଠାରୁ ଏବଂ ତିରୁପତି ଠାରୁ ୧୨ ସେପ୍ଟେମ୍ବର ୨୦୨୧ ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି ।ଏହା ବ୍ୟତୀତ ୦୨୮୩୫/୦୨୮୩୬ ହଟିୟା-ଯଶୋବନ୍ତପୁର-ହଟିୟା ସ୍ୱତନ୍ତ୍ର ଟ୍ରେନ୍ ହଟିୟା ଠାରୁ ୨୮ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଏବଂ ଯଶୋବନ୍ତପୁରରୁ ୩୦ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୧୧୭/୦୮୧୧୮ ହାଓଡ଼ା-ମହୀଶୂର-ହାଓଡ଼ା ସ୍ୱେଶାଲ୍ ହାଓଡ଼ା ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଏବଂ ମହୀଶୂରରୁ ୨ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୬୪୫/୦୮୬୪୬ ହାଓଡ଼ା-ହାଇଦ୍ରାବାଦ-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ୍ ହାଓଡ଼ା ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଏବଂ ହାଇଦ୍ରାବାଦରୁ ୨ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ଚଳାଚଳ କରିବ । ୦୨୮୭୩/୦୨୮୭୪ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ୍ ହାଓଡ଼ା ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଏବଂ ଯଶୋବନ୍ତପୁରରୁ ୨ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୦୪୭/୦୮୦୪୮ ହାଓଡ଼ା-ଭାସ୍କୋ ଡା ଗାମା-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ୍ ହାଓଡ଼ା ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଏବଂ ଭାସ୍କୋ ଡା ଗାମା ଠାରୁ ୨ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ଚଳାଚଳ କରିବ । ୦୨୮୬୭/୦୨୮୬୮ ହାଓଡ଼ା-ପଣ୍ଡିଚେରୀ-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ୍ ହାଓଡ଼ା ଠାରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ଏବଂ ପଣ୍ଡିଚେରୀରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ । ୦୨୮୩୭/୦୨୮୩୮ ହାଓଡ଼ା-ପୁରୀ-ହାଓଡ଼ା ସ୍ୱେଶାଲ୍ ହାଓଡ଼ା ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଏବଂ ପୁରୀରୁ ୧ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ଚଳାଚଳ କରିବ । ୦୨୮୭୭/୦୨୮୭୮ ହାଓଡ଼ା-ଏର୍ଣ୍ଣାକୁଲମ-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ୍ ହାଓଡ଼ା ରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଏବଂ ଏର୍ଣ୍ଣାକୁଲମ ଠାରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ । ୦୨୪୪୯/୦୨୪୫୦ ଶାଲିମାର-ସିକନ୍ଦରାବାଦ-ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ଶାଲିମାରରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ଏବଂ ସିକନ୍ଦରାବାଦରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୬୩୭/୦୮୬୩୮ ହାଟିୟା-ବାଙ୍ଗାଲୋର କ୍ୟାଂଟ-ହାଟିୟା ସ୍ୱତନ୍ତ୍ର ଟ୍ରେନ୍ ହଟିୟାରୁ ୨୫ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଏବଂ ବାଙ୍ଗାଲୋର କ୍ୟାଂ ଟରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ଚଳାଚଳ କରିବ ।

# ଚଳିତ ବର୍ଷ ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା ସର୍ବଧର୍ମ ସମନ୍ୱୟ ଓ କୋଭିଡ୍ କଟକଣା ମଧ୍ୟରେ ପାଳିତ ହେବ




ଭୁବନେଶ୍ୱର: ଚଳିତବର୍ଷ ଡିଷ୍ଟ୍ରିକ୍ଟ ସେଂଟରର ଦୁର୍ଗାପୂଜା ସର୍ବଧର୍ମ ସମନ୍ୱୟ ଓ କୋଭିଡ୍ କଟକଣା ମଧ୍ୟରେ ପାଳିତ ହେବ ବୋଲି ଆଜି ଡିଷ୍ଟ୍ରିକ୍ଟ ସେଂଟର ଓ୍ୱନର୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମଳନୀରେ କୁହାଯାଇଛି । ଡିଷ୍ଟ୍ରିକ୍ଟ ସେଂଟର ଓ୍ୱନର୍ସ ଆସୋସିଏସନ୍ ତରଫରୁ ୨୦୦୮ସମିହାରୁ ଦୂର୍ଗାପୂଜା ପାଳିତ ହୋଇଆସୁଅଛି । ଏଠାରେ ସ୍ଥାୟୀ ମଣ୍ଡପରେ ମା'ଙ୍କର ପୂଜା ଓ ମଣ୍ଡପର ପୀଠ ଦେବୀ ପ୍ରତିଦିନ ପୂଜା ପାଆନ୍ତି । ହିନ୍ଦୁ, ମୁସ୍‌ଲିମ୍ ଓ ଖ୍ରୀଷ୍ଟିଆନ୍ ଆଦି ତିନିଧର୍ମର ଲୋକମାନେ ମିଳିତ ଭାବେ ପୂଜା ମଣ୍ଡପରେ ମା'ଙ୍କୁ ପୂଜା କରନ୍ତି । ତିନିଧର୍ମର ଧାର୍ମିକ ସଙ୍କେତରେ ତୋରଣ ନିର୍ମାଣ କରାଯାଏ । ଚଳିତ ବର୍ଷ ସରକାରଙ୍କ ମହାମାରୀ କୋଭିଡ୍ କଟକଣାକୁ କଡାକଡି ଭାବେ ପାଳନ କରାଯାଇ ପୂଜା କାର୍ଯ୍ୟକୁ ସମାପନ କରାଯିବା ସହ କେବଳ ଦୈନିକ ବିଧି ଓ ବିଧାନରେ ମଣ୍ଡପ ମଧ୍ୟରେ ପୂଜା କାର୍ଯ୍ୟ ସମାପନ କରାଯିବ । ଆଜି ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଡିଷ୍ଟ୍ରିକ୍ଟ ସେଂଟର ଓ୍ୱନର୍ସ ଆସୋସିଏସନ୍‌ର ସଭାପତି ପ୍ରକାଶ ଚନ୍ଦ୍ର ବିକୁଳି କହିଛନ୍ତି ଯେ, କେନ୍ଦ୍ରାପଡାର ବିଶିଷ୍ଟ ମୂର୍ତି କାରିଗର ପ୍ରଫୁଲ୍ଲ କୁମାର ବେହେରାଙ୍କ ଦ୍ୱାରା ସରକାରଙ୍କ ମହାମାରୀ କରୋନା କଟକଣା ନିୟମକୁ କଡାକଡି ଭାବରେ ପାଳନ କରାଯାଇ ମଣ୍ଡପ ଆଗରେ କପଡା ଟଙ୍ଗାଯାଇ ମୃଣ୍ମୟୀ ମୂର୍ତି ତିଆରି କାର୍ଯ୍ୟ ଚାଲିଅଛି ଓ ଏହା ଏବେ ଶେଷ ପର୍ଯ୍ୟାୟରେ ପହଂଚିବା ସହ ମା'ଙ୍କ ମୂର୍ତିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରା ନ ଯାଇ କେବଳ ଭେଜିଟେବୁଲ୍ ରଙ୍ଗ ବ୍ୟବହାର କରାଯିବ । ଏଥିସହ ପୂଜା ମଣ୍ଡପରେ କୌଣସି ପ୍ଲାଷ୍ଟିକ୍ ଦ୍ରବ୍ୟ ବ୍ୟବହାର କରାଯିବ ନାହିଁ ଏବଂ ପୂଜା ଶେଷ ପର୍ଯ୍ୟନ୍ତ ସର୍ବସାଧାରଣ ବାରଣ ପାଇଁ ମଣ୍ଡପ ସାମ୍ନାରେ କପଡା ଟଙ୍ଗା ହୋଇ ପୂଜା କାର୍ଯ୍ୟ ସମାପନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । କୌଣସି ବାହାର ଭକ୍ତ ପୂଜା ମଣ୍ଡପ ନିକଟକୁ ନ ଆସିବା ପାଇଁ ପ୍ରଚାର ପତ୍ର ମାଧ୍ୟମରେ ବିନମ୍ର ନିବେଦନ କରାଯାଇଛି । ପୂଜା ମଣ୍ଡପ ମଧ୍ୟରେ କେବଳ ପୂଜକମାନେ ଓ କର୍ତାକର୍ତି ବ୍ୟତୀତ ଅନ୍ୟ କୌଣସି ଭକ୍ତ ପ୍ରବେଶ ନିମନ୍ତେ କଟକଣା କରାଯାଇ ସୁରକ୍ଷାକର୍ମୀ ମୁତୟନ କରାଯିବ । ଏବଂ ମହାମାରୀ କରୋନା ପାଇଁ ଏବର୍ଷ କୌଣସି ତୋରଣ ଅଥବା ସାଜସଜ୍ଜା କରାଯିବ ନାହିଁ କେବଳ ନିରାଡମ୍ବର ଭାବେ ମାଙ୍କ ପୂଜା କରାଯିବ । ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପୂଜାମଣ୍ଡପ ଓ ଏହାର ଚତୁପାର୍ଶ୍ୱକୁ ଆସୋସିଏସନ୍ ପକ୍ଷରୁ ବିଶୋଧନ କରାଯିବା ସହ ପୂଜା ମଣ୍ଡପ ସମ୍ମୁଖରେ ମାସ୍କ ଓ ସାନିଟାଇଜର୍ ମହଜୁଦ୍ ରଖାଯିବ । ଷଷ୍ଠୀରୁ ଭସାଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳେ କଲୋନୀକୁ ଆସୋସିଏନ୍ ତରଫରୁ ବିଶୋଧନ କରାଯିବା ସହ ଆସୋସିଏସନ୍‌ର ସଭ୍ୟସଭ୍ୟାମାନଙ୍କ ସହଯୋଗରେ କଲୋନୀର ସମସ୍ତ ରାସ୍ତାକୁ ସଫେଇ କରାଯିବ । ଏଥିସହ କଲୋନୀରେ ଆସୋସିଏସନ୍ ତରଫରୁ କରୋନା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ କଲୋନୀର ପ୍ରତ୍ୟେକ ଘରେ ମାସ୍କ ଓ ସାନିଟାଇଜର୍ ବିନାମୂଲ୍ୟରେ ବଂଟନ କରାଯିବ ବୋଲି ଓ୍ୱନର୍ସ ଆସୋସିଏସନ୍‌ର ସଭାପତି ପ୍ରକାଶ ଚନ୍ଦ୍ର ବିକୁଳି ଓ ସହ ସମ୍ପାଦକ ଜଗବନ୍ଧୁ ବେହେରା କହିଛନ୍ତି । ଏଥିସହ ବୃକ୍ଷରୋପଣ ପାଇଁ ଆସୋସିଏସନ୍ ପକ୍ଷରୁ କଲୋନୀର ପ୍ରତ୍ୟେକ ଘରେ ବିନାମୂଲ୍ୟରେ ଚାରାବଂଟନ କରାଯିବ ବୋଲି ଓ୍ୱନର୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ କହିଛନ୍ତି । ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓ୍ୱନର୍ସ ଆସୋସିଏସନ୍‌ର ଉପଦେଷ୍ଟା ଦାମୋଦର ପ୍ରଧାନୀ, ଉପ ସଭାପତି ଖଗେଶ୍ୱର ଖଣ୍ଡାୟତରାୟ,କୋଷାଧକ୍ଷ ଅଭୟ କୁମାର ନାୟକ ଓ କର୍ତା ଅଜୟ କୁମାର କର ପ୍ରମୁଖ ଯୋଗ ଦେଇ ଏବର୍ଷ ଦୁର୍ଗାପୂଜା ପାଇଁ କୌଣସି ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନେଇଥିଲେ । ଏଥିସହ ଓ୍ୱନର୍ସ ଆସୋସିଏସନ୍ ପକ୍ଷରୁ ସ୍ଥିର କରାଯାଇଛି ଯେ, ଆସୋସିଏସନ୍‌ର ସମସ୍ତ ସଭ୍ୟସଭ୍ୟା ତଥା ଇଚ୍ଛୁକ ସହୃଦୟ ଭକ୍ତମାନେ ଯଦି ସ୍ୱଇଚ୍ଛାରେ ଓ ସ୍ୱତଃପ୍ରବୃତଭାବେ କଛି ଅନୁଦାନ ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ତେବେ ତାହା ଗ୍ରହଣ କରାଯାଇ ମା'ଙ୍କ ପୂଜା କାର୍ଯ୍ୟରେ ଲଗାଯିବ । ଏତଦ୍ ବ୍ୟତୀତ ସମସ୍ତ ଭକ୍ତମାନେ ଘରେ ରହି କାର୍ଯ୍ୟସୂଚୀ ଅନୁଯାୟୀ ପୂଜା ଓ ବ୍ରତ କରିବା ସହ ନିଜ ଘର ଆଗରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ କଳସ ବସାଇବା ପାଇଁ ଆସୋସିଏସନ୍ ପକ୍ଷରୁ କଲୋନୀବାସୀଙ୍କୁ ନିବେଦନ କରାଯାଇଛି ।

# ଆର୍ଶୀବାଦ ଯୋଜନା ନାଁରେ ରାଜ୍ୟ ସରକାର ଓଡିଶାର ଶିଶୁ ମାନଙ୍କୁ ଉପେକ୍ଷିତ କରିଛନ୍ତି : ବିଜେପି

ଭୁବନେଶ୍ୱର: କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆର୍ଥିକ ସହାୟତା ଘୋଷଣା କରିବାର ତୁରନ୍ତ ପରେ ଓଡିଶାର ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଯେ ଓଡିଶାରେ କରୋନାରେ ହରାଇଥିବା ବାପା ମା ହରାଇଥିବା ଶିଶୁଙ୍କୁ ୨୫୦୦ ଓ ଯଦି ଜଣଙ୍କୁ ହରାଇଥାନ୍ତି ତେବେ ୧୫୦୦ ଦେବେ ବୋଲି ଘୋଷଣା କଲେ । ଦୁଃଖ ଏବଂ ପରିତାପର ବିଷୟ ଯେ କେତେ ପିଲା ଏବଂ କେଉଁମାନେ ଏହି ଯୋଜନାରେ ଉପକୃତ ହେଲେ ରାଜ୍ୟସରକାର ଏପର୍ଯ୍ୟନ୍ତ କହିନାହାଁନ୍ତି । ଅପରପକ୍ଷରେ ହଠାତ୍ ଘୋଷଣା କଲେ ସେପ୍ଟେମ୍ବର ୧୫ ପାଖରୁ ଏହି ଯୋଜନା ବନ୍ଦ ହୋଇଗଲା ତେବେ ସେପ୍ଟେମ୍ବର ୧୫ପାଖରୁ ରାଜ୍ୟରୁ ସମ୍ପୂର୍ଣ୍ଣ ହଟିଗଲା ନା କରୋନାରେ ଆଉ କେହି ମୃତ୍ୟୁ ବରଣ କଲେନାହିଁ । କୌଣସି ପିଲା ଅନାଥ ହେଉନାହାଁନ୍ତି କି ? ଯଦି ସେମିତି କଥା ତେବେ ସେପ୍ଟେମ୍ବର ୧୫ରୁ ଓଡିଶା କରୋନା ମୁକ୍ତ ହେଲା ବୋଲି ରାଜ୍ୟ ସରକାର ଘୋଷଣା କରନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।ଇତି ମଧ୍ୟରେ ରାଜ୍ୟ ସରକାର ଏହି ଯୋଜନାକୁ ଅର୍ଥ ଦେବା ଆରମ୍ଭ କଲେ ୨୦ଜୁନ୍ ୨୦୨୧ପାଖରୁ ସେହି ସମୟରୁ ଆଜି ପର୍ଯ୍ୟନ୍ତ କେତେ ପିଲା ଉପକୃତ ହେଲେ ସେହି ପିଲା ମାନଙ୍କର ନାମ ଠିକଣା କେଉଁଠି ତାଙ୍କର ପାଠପଢାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି ଏବଂ କେତେ ଅର୍ଥ ଏ ପିଲାଙ୍କୁ ଦିଆଯାଇଛି ଏହାର ବେନିଫିସିଆରି ଲିଷ୍ଟ୍ ହିତାଧିକାରୀ ମାନଙ୍କର ସୂଚୀକୁ ସର୍ବଜନୀନ କରିବା ପାଇଁ ଡ. ସାମନ୍ତସିଂହାର ଦାବୀ କରିଛନ୍ତି । ସେହିପରି କେଉଁ ଫଣ୍ଡରୁ ଆଣି ରାଜ୍ୟ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା କଥା ଭାବିଥିଲେ ଯେତେବେଳେ କୌଣସି ଅର୍ଥ ନାହିଁ ସେତେବେଳେ ଆର୍ଥିକ ସହାୟତା ଦେବାର ପ୍ରଶ୍ନ କେଉଁଠୁ ଉଠୁଛି । ରାଜ୍ୟ ସରକାର ଆର୍ଶୀବାଦ ଯୋଜନା ଘୋଷଣା କରିଛନ୍ତି ସେହି ଆର୍ଶିବାଦ ଯୋଜନାରେ ଅନାଥ ଶିଶୁକୁ ୧୮ବର୍ଷ ହେଲା ଯାଏଁ ମାସକୁ ୨୫୦୦ଟଙ୍କା ମିଳିବ ବୋଲି କହୁଛନ୍ତି କିନ୍ତୁ କାହାକୁ ମିଳିଛି ଆମେ ଜାଣିନାହୁଁ । ଆଜି ୨୫୦୦ଟଙ୍କାର କିଛି ମୂଲ୍ୟ ଥାଇପାରେ କିନ୍ତୁ ୧୮ବର୍ଷ ପରେ ଏହାର ମୂଲ୍ୟ କ'ଣ ଥିବ । ଯେଉଁ ଅର୍ଥର କୌଣସି ପ୍ରଭାବ ରହୁଥିବ ସେହିଭଳି ଅର୍ଥ ନଦେଇ ମାସକୁ ୨୫୦୦ଟଙ୍କା ଆଜି ଘୋଷଣା କରିବେ ତେବେ ୧୮ବର୍ଷ ପରେ ବି ୨୫୦୦ଟଙ୍କା ଦେଉଥିବେ ସେ ପିଲାର ୧୮ବର୍ଷ ପରେ ୨୫୦୦ଟଙ୍କା କେଉଁ କାମରେ ଲାଗିବ ଏହାକୁ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ଡ. ସାମନ୍ତସିଂହାର କହିଛନ୍ତି । ଏହି ଯୋଜନାର ସବୁଠୁ ବଡ ସ୍କାମ୍ ହେଉଛି ଏହା ଏକ ମିଥ୍ୟା ଯୋଜନା । ଯେମିତି ଆୟୁଷ୍ମାନ୍ ଭାରତ ଯୋଜନାରେ କାଳେ ମୋଦିଜୀ ନା ନେଇଯିବେ ବୋଲି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଘୋଷଣା କଲେ ଏହା ଏକ କହିଦେବା ପାଇଁ ଗୋଟିଏ କଥା ।ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।ଆମ ରାଜ୍ୟର ପିଲା ମାନଙ୍କର ଭରଣ ପୋଷଣ କରିବାର ଦାୟିତ୍ୱ ରାଜ୍ୟ ସରକାର ନିଜେ ଅନୁଭବ କରି ଏହାକୁ କାର୍ଯ୍ୟକାରୀ କରିବା ଉଚିତ୍ । ଯୋଜନା ଯେଉଁ ଫର୍ମରେ ରହିଛି ସେହି ଫର୍ମରେ କାହାର ଉପକାର ହୋଇନାହିଁ କି ହେବନାହିଁ । ତେଣୁ ରାଜ୍ୟ ସରକାର ସ୍ପଷ୍ଟ ହିତାଧିକାରୀ ଲିଷ୍ଟ୍ ଦିଅନ୍ତୁ ଓ କେତେ ଜଣ ପିଲା ତାହା ସ୍ପଷ୍ଟ କରନ୍ତୁ ରାଜ୍ୟ ସରକାର ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

# ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ମାଲକାନଗିରି, (ପିଏନ)-ଚିତ୍ରକୋଣ୍ଡା ସ୍ଥିତ ମିତଲ ନିପଲ ଷ୍ଟିଲ ଇଣ୍ଡିଆ ଲିମିଟେଡ଼ କମ୍ପାନୀ ସହାୟତାରେ ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ନୂଆଗୁଡା ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ରଥଗୁଡ଼ା, ଦୋରଗୁଡ଼ା ପଂଚାୟତ ଅନ୍ତର୍ଭୁକ୍ତ ଥାଟମାନଗୁଡ଼ା ଏବଂ ବଡ଼ ପଦର ପଂଚାୟତ ଅନ୍ତର୍ଭୁକ୍ତ ଫୁଲପଦର ଓ ବଡ଼ପଦର ଗ୍ରାମରେ ମିତଲ ନିପଲ ଷ୍ଟିଲ ଇଣ୍ଡିଆ ଲିମିଟେଡ଼ ଆନୁକୂଲ୍ୟରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ର ଇଏନଟି ଡାକ୍ତର ସମୀର ଗୋଲଦା ର ଙ୍କ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୭୯ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣାରେ ଔଷଧ ଓ ଇନଜେକସନ ଦିଆ ଯାଇଛି ସେମାନଙ୍କ ମଧ୍ୟରେ ପୁରୁଷ ରୋଗୀ ୧୦୫ ଜଣ, ମହିଳା ରୋଗୀ ୧୨୩ ଜଣ ଓ ଛୋଟ ଶିଶୁ ୫୧ ଜଣଙ୍କର ରୋଗର ପରୀକ୍ଷା କରାଯାଇ ଚିକିତ୍ସା ନିମନ୍ତେ ମାଗଣାରେ ସମସ୍ତ ପ୍ରକାର ଔଷଧ ପ୍ରଦାନ କରାଯାଇଥିଲା । ପ୍ରତି ମାସ ଭଳି ଚଳିତ ମାସରେ ମିତଲ ନିପଲ ଷ୍ଟିଲ ଇଣ୍ଡିଆ ଲିମିଟେଡ଼ ତରଫରୁ ବରିଷ୍ଠ ପରିଚାଳକ ସବଲ କୁମାର ଝା ଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ଶିବିର କରାଯାଇ ଔଷଧ ଦିଆଯାଇଥିଲା ।

## ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଂଟନ ସହ ବିପିୟୁଟି ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର:ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ତୃତୀୟ ଦିନରେ ବିପିୟୁଟି କ୍ୟାମ୍ପସ୍ ପରିସରରେ ନିର୍ମାଣାଧୀନ ଥିବା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ର ସମୀକ୍ଷା କରିଥିଲେ । ଧାର୍ଯ୍ୟ ସମୟସୀମା ମଧ୍ୟରେ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ଶ୍ରୀ ବେହେରା ହକି ଓଡ଼ିଶା ପ୍ରମୋସନ୍ କାଉନ୍‌ସିଲର ଅଧ୍ୟକ୍ଷ ଶ୍ରୀ ଦିଲ୍ଲୀପ ତିର୍କୀ, ଇଡ୍‌କୋର ବରିଷ୍ଠ ଅଧିକାରୀ, କାର୍ଯ୍ୟଭାର ନେଇଥିବା ସଂସ୍ଥାର ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ରାଉରକେଲା ଠାରେ ଷ୍ଟାଡିୟମ୍ ନିର୍ମାଣ ହେଲେ ଏହା ଭୁବନେଶ୍ୱର ପରେ ରାଜ୍ୟର ଅନ୍ୟ ଏକ ବୃହତ୍ ହକି ଷ୍ଟାଡିୟମ୍ ଭାବେ ପରିଗଣିତ ହେବ । ୨୦୨୩ ବିଶ୍ୱକପ୍ ପରିପ୍ରେକ୍ଷୀରେ ଏହି ଷ୍ଟାଡିୟମ୍ ବେଶ୍ ଗୁରୁତ୍ୱ ବହନ କରୁଛି । ଏହି ଷ୍ଟାଡିୟମ୍ ନିକଟ ଭବିଷ୍ୟତରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗର୍ବ ପାଲଟିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ । ଏହି ଅବସରରେ ମନ୍ତ୍ରୀ ସେଠାରେ ହକି ଖେଳାଳୀ ଏବଂ କ୍ରୀଡ଼ା ସଂଗଠକଙ୍କ ସହ ଆଲୋଚନା କରିଥିଲେ ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ଗଞ୍ଜାମ,(ପିଏନ)- ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ସାରୁ ଛକ ନିକଟରେ ଆଜି ସକାଳେ ଘଟିଯାଇଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଗୋପାଳପୁର ଥାନା ଅନ୍ତର୍ଗତ ବଡ଼ଗାଁରୁ ମହେଶ ଦାଶ (୧୮) ଓ ବିକ୍ରମ ଦାଶ (୨୦) ଏକ ପଲସର୍ ବାଇକ୍ ନଂ ଓଡ଼ି୦୭ଏଡ଼ି-୩୪୯୩ ଯୋଗେ କାଟୁ ନିକଟ କାଞ୍ଜିମ୍ପା ଗାଁରେ ଥିବା ନିଜ ସମ୍ପର୍କିୟଙ୍କ ଘରକୁ ଗଲାବେଳେ ସାରୁ ଛକ ନିକଟରେ ଅନ୍ୟ ଏକ ଅଜଣା ବାଇକ୍ ସେମାନଙ୍କ ବାଇକ୍ କୁ ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ପଲସର ବାଇକ୍ ଟି ଘଟଣାସ୍ଥଳରୁ ଘୋଷାଡ଼ି ହୋଇ ବିପରୀତ ଦିଗକୁ ଚାଲି ଯାଇଥିଲା ।ସେହି ସମୟରେ ଏହି ରାସ୍ତା ଦେଇ ପୋଲସରା ଥାନା ଅଧିକ ଖଣ୍ଡରୁ ଗାଁର ଅଶୋକ ବେହେରା(୩୦), ଦେବରାଜ ବେହେରା (୨୨) ଏକ ସ୍କୁଟି ନଂ ଓଡ଼ି୦୭ଭି-୬୩୧୦ ଯୋଗେ ସମରଝୋଳ ନିକଟରେ ଥିବା ଚକ୍ଷୁ ହସ୍ପିଟାଲ ଯିବା ବେଳେ ଦୁର୍ଘଟଣା ଘଟି ବିପରୀତ ଦିଗକୁ ଚାଲି ଆସିଥିବା ବାଇକ୍ ସହିତ ସ୍କୁଟିଟି ଧକ୍କା ହୋଇଥିଲା । ଖବର ପାଇ ହିଞ୍ଜିଳି ଥାନା ସବଇନ୍ସପେକ୍ଟର ମମତା ସାମନ୍ତରାୟ, ଡି. ମୋହନ ପ୍ରମୁଖ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳି ଡ଼ାକ୍ତରଖାନାରେ ଭର୍ତି କରିଥିବା ବେଳେ ଡ଼ାକ୍ତର ମହେଶଙ୍କୁ ମୃତ ଘୋଷଣା କରିଛନ୍ତି । ଅନ୍ୟ ତିନି ଆହତ ଚିକିତ୍ସାଧିନ ରହିଛନ୍ତି । ଏ ସଂକ୍ରାନ୍ତରେ ହିଞ୍ଜିଳି ଥାନା କେସ୍ ନଂ ୩୨୪/୨୦ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ଜରୁରୀକାଳୀନ ଯାନ ଚଳପ୍ରଚଳ ପାଇଁ ରାସ୍ତା ପ୍ରଶସ୍ତିକରଣ ଦାବି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନ ମୁଷାଡିହ ଗ୍ରାମର ୭ନଂ ଓ୍ୱାର୍ଡରେ ପ୍ରଶସ୍ତ ରାସ୍ତା ନଥିବାରୁ ଜରୁରୀକାଳୀନ ସେବାଯାନ ଓ୍ୱାର୍ଡ ମଧ୍ୟକୁ ପ୍ରବେଶ କରିପାରୁ ନାହିଁ । ଏନେଇ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ରାସ୍ତା ପ୍ରଶସ୍ତିକରଣ ପାଇଁ ଅନୁରୋଧ କରିଛନ୍ତି । ସୂଚନା ମୁତାବକ, ବନ୍ଧକଟା ଗ୍ରାମ ପଂଚାୟତ ୭ନଂ ଓ୍ୱାର୍ଡର ବଟ ମହାପୁରୁଷଙ୍କ ଠାରୁ ଗୋପାଳ ସାହି, ବ୍ରାହ୍ମଣ ସାହି, ବୈଷ୍ଣବ ସାହି ଓ ନାୟକ ସାହିର କିଛି ଅଂଶକୁ ୧୦୮ ଆମ୍ବୁଲାନ୍ସ, ଅଗ୍ନିଶମ ଯାନ ଇତ୍ୟାଦି ଜରୁରୀକାଳୀନ ଯାନ ଗୁଡିକ ଯାଇ ପାରୁ ନଥିବାରୁ ଗ୍ରାମବାସୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ଶ୍ୟାମସୁନ୍ଦର ନାୟକଙ୍କ ଘରଠାରୁ ନିମାଇଁ ଚରଣ ନାୟକଙ୍କ ଘର ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ନିତ୍ୟାନନ୍ଦ ଦାସ, ଅଭିମନ୍ୟୁ ଦାସ,ବିକାଶ ନାୟକ, ଭଗବାନ ଦାସ, ଦୈତାରୀ ଦାସ, କଳ୍ପନା ଦାସ ପ୍ରମୁଖ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ମୋଦି ପ୍ରିୟ ଅଖି ୭୦୦ କପ୍ ଚାହା ବାଂଟିଲେ

ପୁରୀ, (ପିଏନ) ଭାରତର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୭୦ତମ ଜନ୍ମ ଦିନ ଅବସରରେ ହେଡପୋଷ୍ଟ ଅଫିସ୍ ଛକ ନିକଟରେ ଥିବା ଚା ଦୋକାନୀଙ୍କ ପକ୍ଷରୁ ୭ଶହ କପ୍ ଚା ବଂଟନ କରାଯାଇଛି । ଚା ଦୋକାନ କରିଥିବା ଅକ୍ଷୟ ଜୟସିଂ ଯାହା ସହରରେ ଅଖି ଚା ଦୋକାନୀ ଭାବେ ପରିଚିତ । ସେ ମୋଦିଙ୍କର ଜଣେ ଦୃଢ଼ ପ୍ରଶସଂକ ଅଟନ୍ତି । ପ୍ରତିବର୍ଷ ପରି ଏ ବର୍ଷ ମୋଦିଙ୍କ ଜନ୍ମ ଦିନରେ ୪୦ ଲିଟର କ୍ଷୀରରେ ୭ ଶହ କପ୍ ଚା ପ୍ରସ୍ତୁତ କରି ଏହାକୁ ବଂଟନ କରିଥିଲେ । କୋଭିଡ୍ ନିୟମ ଅନୁଯାୟୀ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ଓ ହାତ ଧୋଇବା ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରିଥିଲେ । ତାଙ୍କ ଝିଅ ଆଦ୍ୟା ଜୟସିଂ କେକ୍ କାଟି ମୋଦିଙ୍କ ଜନ୍ମଦିନ ପାଳିବା ସହ କେକ୍ ବଂଟନ କରିଥିଲେ । ଏହି ଅବସରରେ ଅଖି ୭ଶହ ରସଗୋଲା ମଧ୍ୟ ବଂଟନ କରିଥିଲେ । ପରିବେଶ ସନ୍ତୁଳନ ରକ୍ଷାପାଇଁ ବୃକ୍ଷରୋପଣ ଓ ଚାରା ବଂଟନ କରିଥିଲେ । ଅଖିଙ୍କ ଏଭଳି କାର୍ଯ୍ୟକୁ ଦେଖି ସହରରେ ଅନେକ ବୁଦ୍ଧିଜୀବି ଚା ପିଇବା ସହ ମୋଦି ପ୍ରିୟ ଅଖି ବୋଲି କହିଥିଲେ । ଅଖିଙ୍କ ଚା ଦୋକାନ ସେହି ଅଂଚଳରେ ବେଶ୍ ନାମକରା ଦୋକାନ ହୋଇଥିବା ସହ ବହୁ ଆଇନଜୀବି, ଅର୍ବାନ ବ୍ୟାଙ୍କ କର୍ମଚାରୀ, ପୋଷ୍ଟାଲ କର୍ମଚାରୀ ଓ ସାମ୍ବାଦିକମାନେ ସେଠାରେ ପ୍ରତ୍ୟେହ ଚା ପିଇଥାନ୍ତି ।

## ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଜଣାଇଲେ ନାଏବ ସରପଂଚ

ମାଲକାନଗିରି, (ପିଏନ)-ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ପଂଚାୟତ ରେ ଗତ ୧୧ ତାରିଖରେ ଏକ ନୂତନ କୋଠା ନିର୍ମାଣ କାମ ନିମ୍ନ ମାନର ହେଉଥିବା ଦେଖି ନାଏବ ସରପଂଚ ବାସନ୍ତୀ ପୂଜାରୀ କନିଷ୍ଠ ଯନ୍ତ୍ରୀ ଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ । ତେବେ ଉକ୍ତ ଘଟଣା କୁ ନେଇ କୋରୁକୋଣ୍ଡା ଅଂଚଳ ର ଲୋକନାଥ ସାହୁ ନାମକ ବ୍ୟକ୍ତି ନିଜକୁ ସରପଂଚ ଙ୍କ ପାଖ ଲୋକ କହି ନାଏବ ସରପଂଚ ଜଣେ ମହିଳା ହେବା ସତ୍ତ୍ୱେ ମଧ୍ୟ ତାଙ୍କୁ ନୀଚ ଜାତିର ଲୋକ ଛୋଟ ଲୋକ କହି ଦୁର୍ବ୍ୟବହାର କରି ବହୁ ଅଭଦ୍ରାମି କରିଥିଲେ ।

# ଦୁର୍ଘଟଣାରେ ଦୁଇ ହାତ ହରାଇଥିବା ସୋମେଶଙ୍କୁ ଟିମ ହ୍ୟୁମାନିଟି ସହାୟତା

କନ୍ଧମାଳ,(ପିଏନ୍)- ରୋଜଗାର ପାଇଁ ଯାଇ ଗତ ୬ ବର୍ଷ ତଳେ ୨ ହାତ କଟାଗଲା । ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ସଂସ୍ଥାରେ କାମ କରୁଥିଲେ ଉକ୍ତ ମାଲିକ ଦୁଃଖ ଜଣାଇଲେ ମଧ୍ୟ ଫୋନ୍ ଉଠାଉ ନାହାନ୍ତି । ଏଭଳି ଏକ ଦୁଃଖଦ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଂଚାୟତର ଡାଗରପଦର ଗ୍ରାମର ଅସହାୟତ ସୋମେଶ କହଁରଙ୍କ ଠାରେ । ଦୁର୍ଘଟଣାରେ ହାତ ହରାଇଥିବା ଯୁବକଙ୍କ ସମସ୍ୟା ସଂପର୍କରେ ଅବଗତ ହେବା ପରେ ଉକ୍ତ ପରିବାର ପାଖରେ ପହଂଚିଛି କନ୍ଧମାଳ ଟିମ୍ ହ୍ୟୁମାନିଟ୍ ସ୍ୱେଚ୍ଛାସେବୀ ସଂଗଠନ । ଦୀର୍ଘ ୫ ମାସ କାଳ ଏ ଡ଼ାକ୍ତରଖାନାରୁ ସେ ଡ଼ାକ୍ତରଖାନରେ ଯାଇ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇଥିଲେ ମଧ୍ୟ ତାହାର ୨ ହାତ କାଟି ଦିଆଯାଇଛି । ଗୋଟିଏ ଗୋଡ଼ ମଧ୍ୟ ଠିକ୍ ଭାବେ କାମ କରୁନାହିଁ । ବାପା-ମାଆ ବୃଦ୍ଧ । ନିଜ ଭାଇ ମାନଙ୍କ ସହାୟତରେ ସେ ଜୀବନ ବିତାଉଛନ୍ତି । ସାନଭାଇ ପାଇଁ ବଡଭଉଣୀ ମଧ୍ୟ ବିବାହ ହୋଇ ନାହାନ୍ତି ଭାଇର ସେବା କରିବା ପାଇଁ । ସେ ବ୍ରହ୍ମପୁରରେ ଏକ ବୋରିଂ କମ୍ପାନି ଗାଡ଼ିରେ କାମ କରୁଥିବା ବେଳେ ତାଙ୍କର ଏଭଳି ଅବସ୍ଥା ଘଟିଥିବା ନେଇ ମଧ୍ୟ କାନ୍ଦି କାନ୍ଦି ପ୍ରକାଶ କରିଥିଲେ । ଚିକିତ୍ସା ହେଲେ କିନ୍ତୁ ତାକଂ ପାଖରେ ଚିକିତ୍ସାହେବାର କୌଣସି ପ୍ରକାର କାଗଜ ପତ୍ର ନାହିଁ । ବାରମ୍ବାର ଅନୁରୋଧ ପରେ ମିଳିଛି କେବଳ ବିକଳାଙ୍ଗ ଭତ୍ତା ବାବଦକୁ ୫୦୦ ଟଙ୍କା । ବୋରିଂ କମ୍ପାନିର ମାଲିକ କେବଳ ଚିକିତ୍ସା କରିଛନ୍ତି କିନ୍ତୁ ପରବର୍ତ୍ତି ସମୟରେ ଚଳିବା ପାଇଁ ଯେଉଁ ଆର୍ଥିକ ସହାୟତା ଦେବେ ବୋଲି ପ୍ରତିଶୃତି ଦେଇଥିଲେ ତାହା ୫ ବର୍ଷରୁ ଉର୍ଦ୍ଧ ସମୟ ବିତିଲାଣି କିନ୍ତୁ ପୁରଣ କରିନାହାନ୍ତି । ବ୍ରହ୍ମପୁର ଡ଼ାକରା ପାଇଁ ଖଣ୍ଡିଆ ହାତରେ ବଡ଼ଭାଇ ସହିତ ମିଶି ଅନେକ ଥରଯାଇଛନ୍ତି କିନ୍ତୁ କେବେ ମଧ୍ୟ ଭେଟିବାକୁ ସଫଳ ହୋଇ ନାହାନ୍ତି ବୋଲି କହିଛନ୍ତି ସୋମେଶ । ବର୍ତ୍ତମାନ ମୁଣ୍ଡଗୁଞ୍ଜିବାକୁ ମଧ୍ୟ ଭଲ ଘର ଖଣ୍ଡିଏ ନାହିଁ । ଅନ୍ୟର ଭରସାରେ ଚଳୁଥିବା ବିକଳାଙ୍ଗ ସୋମେଶ ନିଜେ ଆତ୍ମନିର୍ଭର ଶୀଳ ପାଇଁ ଇଛା କରିଥିଲେ ମଧ୍ୟ ଅର୍ଥ ସାଜିଛି ତାହା ପାଇଁ ବାଧକ । ଏଭଳି ସ୍ଥଳେ ଏହି ଖବର ଜାଣିବ ପରେ ଉକ୍ତ ଗ୍ରାମରେ ପହଞ୍ଚିଥିଲା ଟିମ୍ ହ୍ୟୁମାନିଟିର ସଦସ୍ୟମାନେ । ନିଜ ପକ୍ଷରୁ ଯାହା ସମ୍ଭବ ସୋମେଶକୁ ବଢାଇଛନ୍ତି ସହଯୋଗାର ହାତ । ପ୍ରଥମ ପର୍ଯ୍ୟାୟରେ ଟିମ୍ ର ସଦସ୍ୟମାନେ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ଆଜି ଟିମ୍ ର ସଦସ୍ୟ ସଂଜ୍ଜୟ କୁମାର ଦିଗାଳ,ଅଜିତ କୁମାର ସାହୁ,ମିଥୁନ ମହାରଣା ପ୍ରମୁଖ ଅସହାୟ ସୋମେଶଙ୍କ ଘରେ ପହଞ୍ଚି ରାସନ ସାମଗ୍ରୀ ସହିତ ପୋଷାକ ଓ ଅନ୍ୟ କେତେକ ସାମଗ୍ରୀ ପ୍ରଦାନ କରିଛନ୍ତି ।




Bhubaneswar Tuesday October 05, 2021 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୦୫,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବେଦାନ୍ତ ଆଲୁମିନିୟମର 'ବ୍ରେଭ୍ ହାର୍ଟସ୍' ଚଳଚ୍ଚିତ୍ର କୋଭିଡ୍ ହିରୋଙ୍କୁ ସଲାମ୍ କରୁଛି




ଭୁବନେଶ୍ୱର : ଭାରତର ବୃହତ୍ତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ବିଜ୍‌ନେସ୍ ପକ୍ଷରୁ ସ୍ଥାନୀୟ ହିରୋଙ୍କ ପାଇଁ ଏକ ଫିଲ୍ମର ଶୁଭମୁକ୍ତି କରାଯାଇଛି। 'ବ୍ରେଭ୍ ହାର୍ଟସ୍' ନାମକ ଏହି ଅଭିଯାନର ଏକ ଅଂଶ ଭାବରେ ମହାମାରୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସେବା ଯୋଗାଇ ଦେବା ସମ୍ପର୍କରେ ଦର୍ଶାଯାଇଛି। ଏହି ଚଳଚ୍ଚିତ୍ରରେ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲିଗଡ଼ର ଦୁର୍ଗମ ଅଂଚଳରେ ବାସ କରୁଥିବା ଲୋକଙ୍କୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରୁଥିବା ଜଣେ ଯୁବ ପେଶାଦାର ଜୟଶ୍ରୀ ଧନସେକରନଙ୍କ ଅମୂଲ୍ୟ ଅବଦାନ ସମ୍ପର୍କରେ ଦେଖିବାକୁ ମିଳୁଛି। କୋଭିଡ୍ ସଂକ୍ରମଣରୁ ଗ୍ରାମୀଣ ବାସିନ୍ଦାଙ୍କୁ ସୁରକ୍ଷିତ ରଖିବା ପାଇଁ ସେ ୧.୪ ଲକ୍ଷ ମାସ୍କ ସିଲେଇ ଏବଂ ବଂଟନ କରିବା ପାଇଁ ଲିଗଡ଼ ଗ୍ରାମରେ ୮୦ ଜଣ ସ୍ଥାନୀୟ ମହିଳାଙ୍କୁ ଏକତ୍ରିତ କରି ଏକ ଅନନ୍ୟ ପ୍ରୟାସ କରିଥିଲେ। ଏହି ମହାମାରୀ ସମୟରେ ଅନେକ କୋଭିଡ ଯୋଦ୍ଧାଙ୍କର ହୃଦୟସ୍ପର୍ଶୀ ସେବା ଉଦାହରଣ ସୃଷ୍ଟି କରିଛି। ସେମାନଙ୍କର କାର୍ଯ୍ୟ ଏବେ ବି ଲୋକଙ୍କୁ ଅଜଣା। ମହାମାରୀର ବିନାଶକାରୀ ଦ୍ୱିତୀୟ ଲହର ସମୟରେ ଅନ୍ୟମାନଙ୍କୁ ଆକୁଣ୍ଠ ସାହାଯ୍ୟ କରିଥିବା ଏଭଳି ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇବା ପାଇଁ ବେଦାନ୍ତ ଗ୍ରୁପ୍ ଦ୍ୱାରା ବ୍ରେଭ୍ ହାର୍ଟସ୍ ନାମକ ଡିଜିଟାଲ ଅଭିଯାନ ଆରମ୍ଭ ହୋଇଛି। ବେଦାନ୍ତ ଗ୍ରୁପ୍ ନିକଟରେ ତିନୋଟି ଭିଡିଓ ଚଳଚ୍ଚିତ୍ର ଶୁଭମୁକ୍ତି କରିଛି। ଏସବୁରେ ରିୟଲ ଲାଇଫ ହିରୋମାନେ କିଭଳି ଚ୍ୟାଲେ ସମୟରେ ସକରାତ୍ମକତା ମନୋଭାବ ଏବଂ ନିରାଶ ହୋଇଯାଇଥିବା ଲୋକଙ୍କ ମନରେ ଆଶାର ପ୍ରସାର କରିଛନ୍ତି ତାହା ଦେଖିବାକୁ ମିଳୁଛି। ଜୟଶ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରି ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବିଜ୍‌ନେସ୍ ସିଇଓ ରାହୁଲ ଶର୍ମା କହିଲେ, କୋଭିଡ ସମୟରେ ହୃଦୟସ୍ପର୍ଶୀ ମାନବିକତା ଏବଂ ମାନବିକତା ପାଇଁ ସେବାର ବହୁ ଉଦାହରଣ ଦେଖିବାକୁ ମିଳିଛି। ବିଶ୍ୱର ପ୍ରତି କୋଣ ଅନୁକୋଣରେ ଏଭଳି ବ୍ରେଭ୍ ହାର୍ଟସ୍‌ମାନେ ସାହସିକତାର ପରିଚୟ ଦେଇ ସେମାନଙ୍କ ବ୍ୟକ୍ତିଗତ ସାମର୍ଥ୍ୟ ଅନୁସାରେ ସେମାନଙ୍କ ଆଖପାଖରେ ଥିବା ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଜୟଶ୍ରୀ ଏହିପରି ଜଣେ ବ୍ରେଭ୍ ହାର୍ଟସ୍। ଆମର ଏହି ଚଳଚ୍ଚିତ୍ରରେ ସେ କିଭଳି ଶହ ଶହ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ତାଙ୍କର ପ୍ରୟାସ ଜାରି ରଖିଛନ୍ତି ତାହା ଦର୍ଶାଯାଇଛି। ଆମେ ଆଶା କରୁଛୁ ତାଙ୍କ କାହାଣୀ ଅନେକଙ୍କୁ ମହାମାରୀ ସମୟରେ ଏବଂ ଏହା ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସାହାଯ୍ୟ କରିବାକୁ ପ୍ରେରଣା ଯୋଗାଇବ। ଭାରତର ଏକ ଦୁର୍ଗମ ତଥା ଆକାଂକ୍ଷିତ ଜିଲ୍ଲାରେ ଅବସ୍ଥିତ, ଲିଗଡର ବାସିନ୍ଦାମାନେ ମହାମାରୀର ଦ୍ୱିତୀୟ ଲହରର ଭୟଙ୍କରତା ବିଷୟରେ ଅବଗତ ନ ଥିଲେ ଏବଂ ସୁରକ୍ଷା ଲାଗି ଅତ୍ୟାବଶ୍ୟକ ମାସ୍କ ତଥା ସାନିଟାଇଜର କିଣିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ଅଭାବ ମଧ୍ୟ ଥିଲା। ତେଣୁ ମହାମାରୀ ସଂକ୍ରମଣରୁ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷା ଦେବା ଲାଗି ଗ୍ରାମବାସୀଙ୍କ ପାଇଁ ପୁନଃ ବ୍ୟବହାର ଯୋଗ୍ୟ କପଡା ମାସ୍କ ସିଲେଇ କରି ଯୋଗାଇବା ପାଇଁ ଜୟଶ୍ରୀ ଧନସେକରନ୍ ସ୍ଥାନୀୟ ସେଲ୍‌ଫ ହେଲ୍‌ପ ଗ୍ରୁପ (ଏସ୍‌ଏଚ୍‌ଜି) ମହିଳାମାନଙ୍କୁ ଏକତ୍ରିତ କରି ମାସ୍କ ସିଲେଇ କରି ବହୁ ଗ୍ରାମରେ ମାଗଣାରେ ବଂଟନ କରିଥିଲେ। ମହାମାରୀ ବିରୋଧୀ ଲଢ଼େଇରେ ମାସ୍କ ଗ୍ରାମବାସୀଙ୍କ ପାଇଁ ସେମାନଙ୍କର ପ୍ରଥମ ସୁରକ୍ଷା ଅସ୍ତ୍ର ଭାବେ ପ୍ରତିପାଦିତ ହୋଇପାରିଥିଲା। ଏହା ସହିତ ମହାମାରୀ ସମୟରେ ସାରା ଦେଶରେ ଅନେକ ଲୋକ ଜୀବନ ଜୀବିକା ହରାଇ ବସିଥିଲେ। କାମଧନ୍ଦା ନ ଥିବାରୁ ବେରୋଜଗାର ହୋଇ ବସିଥିବା ମହିଳାମାନଙ୍କୁ ଏହି ପ୍ରକଳ୍ପ ମାଧ୍ୟମରେ ରୋଜଗାର କରିବାରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଥିଲା। ବେଦାନ୍ତ ଆଲୁମିନିୟମ ବ୍ୟବସାୟ, ବେଦାନ୍ତ ଲିମିଟେଡ ଏକ ଅଂଶ ବିଶେଷ। ଏହା ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ। ୨୦୨୧ ଆର୍ଥିକ ବର୍ଷରେ ୧.୯୬ ମିଲିୟନ ଟନ ଉତ୍ପାଦନ କରିଛି। ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦଗୁଡ଼ିକରେ ଏହା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଶ୍ୱସ୍ତରୀୟ ସ୍ମେଲଟର ଏବଂ ପାୱାର ପ୍ଲାଂଟ୍ ମାଧ୍ୟମରେ ଏହା ସବୁଜୀକରଣ ଲକ୍ଷ୍ୟ ନେଇ ଆଲୁମିନିୟମକୁ ' ଭବିଷ୍ୟତର ଧାତୁ' ଭାବେ ବିବେଚନା କରାଯିବା ମିଶନ ପୂରଣ ନେଇ କାର୍ଯ୍ୟ ଜାରି ରଖିଛି।

## ଓଏମ୍‌ସି ଗନ୍ଧମାର୍ଦ୍ଦନର ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର :ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀ ଗ୍ରାମରେ ଓଡିଶା ଖଣି ନିଗମ (ଓଏମ୍‌ସି) ଗନ୍ଧମାର୍ଦ୍ଦନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଇଥିଲା । ଏହି ସ୍ୱଚ୍ଛା ଓ ସେଚେତନତା ଅଭିଯାନ ତା-୨୭.୦୯.୨୦୨୧ରିଖ ଠାରୁ ଆରମ୍ଭ ହୋଇ ତା-୦୩.୧୦.୨୦୨୧ରିଖ ପର୍ଯ୍ୟନ୍ତ ୭ଦିନ ଧରି ଚାଲୁ ରହିଥିଲା । ଆଂଚଳିକ ପ୍ରବନ୍ଧକ ଅନୁରାଗ ଓଝାଙ୍କ ନେତୃତ୍ୱରେ ସିଏସ୍‌ଆର ଶକ୍ତି ରନ ଦାଶଙ୍କ ଦ୍ୱାରା ଶୁଆକାଟୀ ଗ୍ରାମରେ ରାଲି କରାଯାଇ ଲୋକଙ୍କୁ ସ୍ୱଚ୍ଛତାର ଉପକାରିତା ବିଷୟରେ ସଚେତନ କରାଯାଇଥିଲା । ଗ୍ରାମବାସୀଙ୍କୁ ଅସ୍ୱଚ୍ଛତା ଏବଂ ଖୋଲା ମଳମୂତ୍ର ପରିତ୍ୟାଗର ଅପକାରିତା ବିଷୟରେ ସଚେତନ କରାଯାଇଥିଲା । ଏହି ଅବସରରେ ଶୁଆକାଟୀ ଗ୍ରାମର ବିଭିନ୍ନ ଅଂଚଳରେ ସଫେଇ କରାଯାଇଥିଲା । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଓଏମ୍‌ସିର ବିଭିନ୍ନ ବିଭାଗର କର୍ମଚାରୀ, ଫିଡ୍ ବ୍ୟାକ୍ ଫାଉଣ୍ଡେସନର କର୍ମଚାରୀ, ବିଭନ୍ନ ସଂଘର ସଭ୍ୟ ଏବଂ ଶୁଆକାଟୀ ଗ୍ରାମର ଅନେକ ସ୍ୱଚ୍ଛାତ ମିତ୍ର ସ୍ୱଇଚ୍ଛାରେ ଭାଗ ନେଇଥିଲେ ।

# ଗାନ୍ଧୀ ଜ୍ୟୋତି ଶୋଭାଯାତ୍ରାରୁ ବିପୁଳ ସମ୍ବର୍ଦ୍ଧନା



ଚଣ୍ଡିଖୋଲ: ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କଟକ ସ୍ଥିତ ସ୍ୱରାଜ ଆଶ୍ରମରୁ ବାହାରି ଭଦ୍ରକ ସ୍ଥିତ ପୀର ଘାଟକୁ ଯାଉଥିବା ଗାନ୍ଧୀ ଜ୍ୟୋଜି ଶୋଭାଯାତ୍ରାକୁ ଚଣ୍ଡିଖୋଲ ଛକ ଠାରେ ସ୍ୱଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ଆନୁକୁଲ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଆସନ୍ତା କାଲି ଭଦ୍ରକ ସ୍ଥିତ ପୀର ଘାଟ ଠାରେ ମହାତ୍ମା ଗାନ୍ଧୀ ଯେଉଁ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରି ଏହି ଠାରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇ ହଜାର ହଜାର ଭାରତୀୟ ଲବଣ ଆଇନ ଭଙ୍ଗ କରିଥିଲେ। ଏହାର ସ୍ମାରକୀ ସ୍ୱରୁପ ସେଠାରେ ଏକ ସ୍ମୃତି ଚାରଣ ସଭା ଆୟୋଜନ କରାଯାଇଛି। ଅନୁଷ୍ଠାନର ସଭାପତି ଅବିନାଶ ଜେନାଙ୍କ ନେତୃତ୍ୱରେ ଡ଼ଃ ସୁଧିର କୁମାର ସାମଲ, ପ୍ରଧାନ ଶିକ୍ଷକ ମନୋରଂଜନ କର, ଯାଜପୁର ଜିଲା ଓଷ୍ଟା ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ସତ୍ୟବାଦୀ ପଣ୍ଡା, ଅଗ୍ନିଶ୍ରମ ଅଧିକାରୀ ପ୍ରଭାକର ସାହୁ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଂଜନ ଜେନା, ଶିକ୍ଷକ ଶଙ୍କର୍ଷଣ ପରିଡ଼ା, ଅନ୍ତଚରଣ ମାହାଲା, କାର୍ତ୍ତିକ ଚନ୍ଦ୍ର ବେହେରା, ହେମନ୍ତ କୁମାର ମାହାଲା, ଇଂ ରଂଜିତ କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ଶିକ୍ଷକ କାହ୍ନୁ ଚରଣ ସାହୁ, ପ୍ରକାଶ ନାୟକ, ସୌମ୍ୟରଂଜନ ଦାସ, ପତିତ ପାବନ ବରାଳ, ତ୍ରିଲୋଚନ ଦାସ, ଜ୍ଞାନ ରଂଜନ ଦାସ, ହିମାଂଶୁ ଭୁଷଣ ବରାଳ, ମଦନ ମୋହନ ପରମାଣିକ, ଦୁର୍ଯ୍ୟୋଧନ ବେହେରା, ଶୁସାନ୍ତ ଜେନା, ଅବିନାଶ କୁମାର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ଜେନା, ଅଜିତ କିଶୋର ନାୟକ, ଅବଦୁଲ ରଜାକ, ସାମ୍ବାଦିକ ଶିବ ରାମ ସାହୁ, ମୋହନ ଖିଲାର , ପ୍ରସନ୍ନ କୁମାର ବିଶ୍ୱାଳ, ଶୁସାନ୍ତ ନାୟକ, ମନମୋହନ ରାଉତ, ହେମଶ ଜେନା ପ୍ରମୁଖ ଗାନ୍ଧୀ ଶୋଭାଯାତ୍ରା ପଥକୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଗାନ୍ଧିଜ୍ୟୋତି ଶୋଭାଯାତ୍ରାକୁ ଚଣ୍ଡିଖୋଲ ଛକ ପରିକ୍ରମା କରାଇଥିଲେ। ଏହି ଶୋଭାଯାତ୍ରାକୁ ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ପରିଚାଳନା କରିଥିଲେ।

# ଅନୁଷ୍ଠାନରେ କର୍ମକର୍ତ୍ତାମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧ ସମ୍ପର୍କିତ ଜିଲ୍ଲା ସ୍ତରୀୟ କର୍ମଶାଳା

ଫୁଲବାଣୀ: ରାଜ୍ୟ ସ୍ତରୀୟ ସେଚ୍ଛାସେବୀ ଅନୁଷ୍ଠାନ ସଂଯେଗ (କଟକ)ଏବଂ ଶିଶୁ କଲ୍ୟାଣ କମିଟି ତଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ କନ୍ଧମାଳର ମିଳିତ ଆନୁକୁଲ୍ୟରେ ଅନୁଷ୍ଠାନରେ କର୍ମକର୍ତ୍ତାମାନଙ୍କର ଦାୟିତ୍ୱ କର୍ତବ୍ୟବୋଧ ସଂକର୍କିତ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଫୁଲବାଣୀ ଆଇଟିଡିଏ ସଭାଗୃହରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଯୋଗର ପଷ୍ଟଲୁ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଳଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ କହିବା ସହିତ ଏହାକୁ ପରିଚାଳନା କରିଥଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଯୋଗ ଦେଇ ଶିଶୁକୁ ତାହାର ମୌଳିକ ଆଧିକାର ମିଳିବା ସହ ଉପଯୁକ୍ତ ଯତ୍ନ ମଧ୍ୟ ଆବଶ୍ୟକ ବୋଲି କହିଥିଲେ ।ଏହା ସମାଜରେ ଉଦ୍ଦଷ୍ଟ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କର ନୈତିକ କର୍ତବ୍ୟ ହେବା ଉଚିତ୍ ଯେଉଁଲି କୌଣସି ଶିଶୁ ନଜର ଏହ ଅଧିକାରରୁ ବଂଚିତ ନହୁଏ। ବିଶିଷ୍ଟ ଶିଶୁ ସୁରକ୍ଷା ଅଧିକାରୀ କର୍ମୀ ଡ଼.ବେଣୁଧର ସେନାପତି ବିଷୟ ବିଶାରଦ ଭାବେ ଯୋଗ ଦେଇ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା କର୍ମକର୍ତା ମାନଙ୍କର ଦାୟିତ୍ୱ ଏବଂ କର୍ତବ୍ୟବୋଧ ସଂପର୍କରେ ଆଲୋକ ପାତ କରିଥିଲେ।

# ଟ୍ରାଫିକ ପଏଣ୍ଟରେ ଲାଇଟ ଅଚଳ :ଗାଡିମୋଟର ଦୁର୍ଘଟଣାର ସମ୍ମୁଖୀନ

ଚଣ୍ଡିଖୋଲ :୧୬ ନ ଓ ୫୩ ନ ଜାତୀୟ ରାଜପଥର ସଂଯୋଗସ୍ଥଳ ହେଉଛି ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଛକ.ପ୍ରତିଦିନ ଏହି ଛକଦେଇ ଶତାଧିକ ଭାରୀଜାନ ,ଚାରିଚକିଆଯାନ ଓ ବସ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି.ଏତେ ସବୁ ଗୁରୁତ୍ୱ ବହନ କରୁଥିବା ଏହି ଛକର ଟ୍ରାଫିକ ବ୍ୟବସ୍ଥା ଠିକ ନଥିବାରୁ ପ୍ରତିଦିନ ଏଠାରେ ଛୋଟମୋଟ ଦୁର୍ଘଟଣା ଘଟିଥାଏ.ଦୁର୍ଘଟଣାକୁ କମ କରିବା ପାଇଁ ସ୍ୱୟଂଚାଳିତ ବିଜୁଳି ଆଲୋକ ୨୦୨୦ ମସିହାରେ ଜାତୀୟ ରାଜପଥର ଚାରିଦିଗରେ ଲଗାଯାଇଥିଲା.ହରିଦାସପୁର ସ୍ଥିତ ରାମକୋ ସିମେଣ୍ଟ କାରଖାନାର ଆର୍ଥିକ ସହାୟତାରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ବେୟବରାଦରେ ଏହି ସ୍ୱୟଂଚାଳିତ ବିଜୁଳି ଆଲୋକ ଲଗାଯାଇଥିଲା ମାତ୍ର ମାସେ ନଯାଉଣୁ ଚାରିଦିଗରେ ଥିବା ଆଲୋକ ଗୁଡିକ ଜଳୁନାହିଁ। ଆଲୋକ ଲଗାଯାଇଥିବା ସବୁ ଖୁଣ୍ଟମାନଙ୍କରେ ରାମକୋ ତାର ପ୍ରଚାରପ୍ରସାର ପାଇଁ ବଡ଼ବଡ଼ ବିଜ୍ଞାପନ ଲେଖାଥିବା ହୋର୍ଡିଂ ମାରିଥିଲେ ସୁଦ୍ଧା ଆଲୋକ ଜଳୁଛି କି ନଜଳଉଛି ସେଥିପ୍ରତି ରାମକୋର ଦୃଷ୍ଟିପଡୁନଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି । ସ୍ୱୟଂଚାଳିତ ବିଜୁଳି ଆଲୋକ ନଥିବାରୁ ଟ୍ରାଫିକ ପଏଣ୍ଟରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ବେଶ ଅସୁବିଧା ହେଉଥିବାର ଦେଖିବାକୁ ମିଳୁଛି । ଜାତୀୟ ରାଜପଥ ପ୍ରାଧିକରଣଙ୍କର କାର୍ଯ୍ୟାଳୟ ନିକଟରେ ଥିଲେ ମଧ୍ୟ ଏଥିପ୍ରତି ସେମାନଙ୍କର ନଜର ପଡୁନାହିଁ କି ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଉନାହିଁ ।ଚଣ୍ଡିଖୋଲ ଛକରୁ ଦୁର୍ଘଟଣା ମୁକ୍ତ କରିବାପାଇଁ ତୁରନ୍ତ ଟ୍ରାଫିକ ଆଲୋକ ଜଳାଇବାର ବନ୍ଦୋବସ୍ତ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ବଡଚଣା ଯୁବ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରିଙ୍କ କୁଶପୁତଳିକା ଦାହ

ଚଣ୍ଡିଖୋଲ: ବଡଚଣା ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ଆଜି ଚଣ୍ଡିଖୋଲ ଛକ ଟ୍ରାଫିକ ପଏଂଟ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତଳିକା ଦାହ କରାଯାଇଛି। ପ୍ରକାଶ ଥାଉ କି ଭାରତ ବର୍ଷରେ କେନ୍ଦ୍ର ସରକାର ଏବଂ ଚାଷି ବିରୋଧ ନିୟମ ଲାଗୁ କରି ମେରିରାୟ ନୀତି ଚଳାଇଛନ୍ତି ଏହାର ପ୍ରତିବାଦରେ ଚାଷିମାନଙ୍କର ଦାବୀ ପୂରଣ ପାଇଁ ଚାଷୀମାନେ ଉତର ପ୍ରଦେଶ ଯିବା ସମୟରେ ଉତର ପ୍ରଦେଶର ଗୃହମନ୍ତ୍ରୀଙ୍କ ପୁତ୍ର ଗାଡି ଚଳାଇବା ଦ୍ୱାରା ଚାଷୀମାନଙ୍କର ମୃତ୍ୟୁ ଘଟିଛି। ସେହି ମୃତ ଚାଷିମାନଙ୍କ ପାଖକୁ କଂଗ୍ରେସ ନେତ୍ରୀ ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ ଯିବା ସମୟରେ ତାଙ୍କୁ ବେଆଇନ ଭାବେ ଉତର ପ୍ରଦେଶ ସରକାର ପୋଲିସ ଦ୍ୱାରା ଗିରଫ କରିଛନ୍ତି। କେନ୍ଦ୍ରରେ ଅଂହକାରୀ ଶାସନ, ଉତର ପ୍ରଦେଶରେ ମେରୀରାୟ ଶାସନ ବିରୁଦ୍ଧରେ ଚଣ୍ଡିଖୋଲ ଛକ ଠାରେ ବଡଚଣାର କଂଗ୍ରେସ ନେତା ଅଜୟ ସାମଲ, ଯାଜପୁର ଜିଲ୍ଲା ଯୁବ କଂଗ୍ରେସ



ସଭାପତି ବୀଶ୍ୱ ପ୍ରକାଶ ସାମଲ, ବଡଚଣା ବିଧାନସଭା ସଭାପତି ସଞ୍ଜୟ କର, ଜୟପ୍ରକାଶ ବିଶ୍ୱାଳ, ମାନଗୋବିନ୍ଦ ଦାସ,ଖଗେଶ୍ୱର ବେହେରା, ଅଶୋକ କୁମାର ରାଉତ, ଶାନ୍ତନୁ ଜେନା, ନଗେନ୍ଦ୍ର ବଳ, ଅୟାସୁଦ୍ଦିନ ସାହେବ, ଅଦୈତ ରାଉତ, ପ୍ରଭାତ ସାହୁ ସମେତ ବହୁ ସଂଖ୍ୟାରେ କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀଙ୍କୁ କେନ୍ଦ୍ର ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉତର ପ୍ରଦେଶ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତଳିକା ଦାହ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray